ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.80 Bhubaneswar Friday, May 7, 2021 | ୨୪ତମ ବର୍ଷ ସଂଖ୍ୟା-୮୦ ଭୁବନେଶ୍ୱର, ଶୁକ୍ରବାର, ମେ ୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ 1.5₹ (Air Surcharge - 0.50P) Member-INS


## ପ୍ରଦୀପ୍ତ ନାଏକ ଓ ରଘୁନାଥ ମହାପାତ୍ରଙ୍କ ପରିବାର ସହ କଥା ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୭।୫(ପି.ଏନ): କରୋନା ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଦୀପ୍ତଙ୍କ ସ୍ତ୍ରୀ କମଳା ନାଏକଙ୍କ ସହ ମୋଦୀ ଫୋନ୍ ରେ କଥା ହୋଇଛନ୍ତି । ଏହାସହ ପ୍ରଧାନମନ୍ତ୍ରୀ ମୋଦୀ ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବଡ଼ ପୁଅଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ସୂଚନାଯୋଗ୍ୟ, ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଏବଂ ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ର ଏବେ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତି ହୋଇଛନ୍ତି । ମୋଦୀ ଉଭୟ ନେତାଙ୍କ ଚିକିତ୍ସା ପାଇଁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ଓ ଭୁବନେଶ୍ୱର ଏମ୍ସ ଡାକ୍ତରୀ ଟିମ ସହିତ କଥା ହୋଇଥିଲେ । ପ୍ରଦୀପ୍ତ ନାୟକ ଏବଂ ରଘୁନାଥ ମହାପାତ୍ରଙ୍କ ସ୍ୱାସ୍ଥ୍ୟ ସଂପର୍କରେ ମଧ୍ୟ ବୈଠକରେ କହିଥିଲେ ।





ମେ ୮ ତାରିଖ ଭର୍ଚୁଆଲ ମାଧ୍ୟମରେ ଓମାନ୍‌ରେ ଉତ୍କଳ ଦିବସ ପାଳନ ଉପଲକ୍ଷେ ବ୍ୟାପକ ପ୍ରସ୍ତୁତି ।

### ୯୭୦ ଜଣ ସାମ୍ବାଦିକଙ୍କୁ ଟୀକା ପ୍ରଦାନ

ଭୁବନେଶ୍ୱର, ୭।୫(ପି.ଏନ): ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରାଯାଇଥିବା ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଗୋପବନ୍ଧୁ କାର୍ଯ୍ୟରତ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନା ଅଧୀନରେ ସାମ୍ବାଦିକମାନଙ୍କୁ କୋଭିଡ୍ ଟୀକା ପ୍ରଦାନ ନିମନ୍ତେ କରାଯାଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଟ ୯୭୦ ଜଣ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଟୀକା ପ୍ରଦାନ କରାଯାଇଛି । ଭୁବନେଶ୍ୱର ୟୁନିଟ୍-୬ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ମଇ ୪ରୁ ୬ ତାରିଖ ପର୍ଯ୍ୟନ୍ତ ୩ଦିନ ଏହି ଟୀକା ପ୍ରଦାନ କରାଯାଇଥିଲା ।

### କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୭ ଗିରଫ, ୫୫୭ ବାହନ ଜବତ

ଭୁବନେଶ୍ୱର, ୭।୫(ପି.ଏନ): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୧୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୩,୧୮,୬୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ସମସ୍ତ କୃଷି ଓ ଆନୁସଙ୍ଗିକ କୃଷି କାର୍ଯ୍ୟ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁଯାୟୀ ଅବ୍ୟାହତ ରହିଛି - ମନ୍ତ୍ରୀ

ଭୁବନେଶ୍ୱର, ୭।୫(ପି.ଏନ): କୃଷି ଉତ୍ପାଦନ ଓ ଜନସାଧାରଣଙ୍କ ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟରେ କୃଷି କାର୍ଯ୍ୟକୁ ନିରନ୍ତର ଜାରି ରଖାଯାଇଛି । କୋଭିଡ୍-୧୯ର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ସାରା ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲେ ମଧ୍ୟ ସମସ୍ତ କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁଯାୟୀ ଅବ୍ୟାହତ ରହିଛି । ଏଥି ସହିତ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ କରାଯାଇ ବିଭାଗର ସମସ୍ତ କାର୍ଯ୍ୟ ସଂପାଦନ ହେଉଛି ଏବଂ କୃଷକମାନଙ୍କୁ ଖରିଫ ଚାଷ ନିମନ୍ତେ ସମସ୍ତ କୃଷି ସାମଗ୍ରୀ ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଆଜି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଏକ ଭର୍ଚୁଆଲ ବୈଠକରେ ମନ୍ତ୍ରୀ ଡ. ସାହୁ ଲକ୍‌ଡାଉନ୍ ସମୟରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ଓ ମାସ୍କ ପରିଧାନ ପାଇଁ ନିର୍ଦ୍ଦେଶନାମା ଜାରି କରବାକୁ କହିଥିଲେ । କୋଭିଡ୍-୧୯ ସଚେତନତା ସୃଷ୍ଟି ନିମନ୍ତେ କର୍ମଚାରୀମାନଙ୍କ ମଧ୍ୟରେ ଭର୍ଚୁଆଲ ବୈଠକ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ସମସ୍ତେ ଯେପରି ସାମାଜିକ ଦୂରତ୍ୱ ଅନୁପାଳନ କରିବେ ଏବଂ ଠିକ୍ ଭାବରେ ମାସ୍କ ପରିଧାନ କରିବେ ସେଥିପ୍ରତି ଦୃଷ୍ଟି ଦେବା ପାଇଁ କହିଥିଲେ । ଏଥିସହିତ ଚଳିତ ଅକ୍ଷୟ ତୃତୀୟାକୁ କେବଳ ପ୍ରତୀକାତ୍ମକ ଭାବରେ ପାଳନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ଖରିଫ ଚାଷ ନିମନ୍ତେ ଚାଷୀମାନଙ୍କୁ ଠିକ୍ ? ସମୟରେ ଯେପରି ପର୍ଯ୍ୟାପ୍ତ ବିହନ ଯୋଗାଣ ହୋଇପାରିବ ସେଥିନିମନ୍ତେ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବା ଓ ଅଧିକରୁ ଅଧିକ ଅଣଧାନ ଫସଲ ଚାଷ ନିମନ୍ତେ ଚାଷୀମାନଙ୍କୁ ପ୍ରବର୍ତାଇବା ପାଇଁ ବୈଠକ ରେ ଗୁରୁତ୍ୱ ରୋପ କରାଯାଇଥିଲା । ଏଥିସହିତ ବିଭିନ୍ନ ବିଭାଗ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରି କୃଷି କାର୍ଯ୍ୟକୁ ଆଗେଇ ନେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିବାବେଳେ ସମବାୟ ମନ୍ତ୍ରୀଙ୍କ ସହିତ ଭର୍ଚୁଆଲ ବୈଠକ କରି ଖରିଫ ଋଣ ସମେତ ସାର ଆଦି ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କହିଥିଲେ । କୃଷି ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଲାଭ ଚାଷୀମାନେ ଯେପରି ପାଇପାରିବେ ସେଥି ନିମନ୍ତେ କୃଷକମାନଙ୍କ ଏକ ନିର୍ଭୁଲ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ଓ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର୍. ରଘୁପ୍ରସାଦ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିବା ସହିତ କୋଭିଡ୍-୧୯ ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ନିଆଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ, ମତ୍ସ୍ୟ ଓ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ସାମ୍ବାଦିକଙ୍କ ପରିବାର ସଦସ୍ୟ ଏବଂ ବୀମାରେ ନାମ ନଥିବା ସାମ୍ବାଦିକଙ୍କୁ ତୁରନ୍ତ ଟୀକା ଦିଆଯାଉ-ସାମ୍ବାଦିକ ମିଳିତ ମଂଚ

ଭୁବନେଶ୍ୱର, ୭।୫(ପି.ଏନ): ସାମ୍ବାଦିକଙ୍କ ଏବେ ଆଗ ଧାଡ଼ିର କରୋନା ଯୋଦ୍ଧା ନିଷ୍ପତି ପାଇଁ ରାଜ୍ୟ ସରକାରଙ୍କୁ ସାମ୍ବାଦିକ ମିଳିତ ମଂଚ ପକ୍ଷରୁ ଆନ୍ତରିକତା ଧନ୍ୟବାଦ ପ୍ରଦାନ କରାଯାଇଛି । ଟିକା ତ ଏବେ ସଭିଁଏ ନେବେ । ତେଣୁ ସାମ୍ବାଦିକଙ୍କ ପରିବାରଙ୍କୁ ତୁରନ୍ତ ଟିକା ପ୍ରଦାନ ପାଇଁ ସାମ୍ବାଦିକ ମିଳିତ ମଂଚ ପକ୍ଷରୁ ଦାବି କରାଯାଇଛି । ସେହିପରି ବୀମା ନଥିବା ସାମ୍ବାଦିକଙ୍କୁ ମଧ୍ୟ ଟିକା ତୁରନ୍ତ ଦିଆଯାଉ ବୋଲି ଦାବି କରାଯାଇଛି । ମଂଚର ଆବାହକ ଲିଙ୍ଗରାଜ ସାହୁ ଏନେଇ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଦାବି ଜଣାଇଛନ୍ତି । ଶ୍ରୀ ସାହୁ କହିଛନ୍ତି ଯେ, ଏହି ଯୋଦ୍ଧା ବହୁ କ୍ଷେତ୍ରରେ ଅବହେଳା ହେଉଛନ୍ତି । ଗ୍ରାମାଂଚଳରେ ଆର୍ଥିକ ଅନାଟନ ଦେଇ ମଧ୍ୟ ବହୁ ସାମ୍ବାଦିକ ଗତି କରୁଛନ୍ତି । ଏମାନଙ୍କୁ ଆର୍ତିକ ସହାୟତା ପ୍ରଦାନ କରାଯାଉ । ସେହିପରି ସମ୍ମୁଖ ଯୋଦ୍ଧାମାନଙ୍କ ପାଇଁ ଯେପରି ମୃତ୍ୟୁରେ ୫୦ଲକ୍ଷ ଟଙ୍କା ଘୋଷଣା ରହିଛି ସେହିପରି ସାମ୍ବାଦିକଙ୍କ କ୍ଷେତ୍ରରେ ୧୫ଲକ୍ଷକୁ ୫୦ଲକ୍ଷ ଘୋଷଣା ହେବା ପାଇଁ ନିବେଦନ କରାଯାଇଛି । ଏଥି ସହ ସାମ୍ବାଦିକମାନଙ୍କୁ ସ୍ୱତନ୍ତ୍ର ଭାବେ ଶିଘ୍ର ଟିକା ବ୍ୟବସ୍ଥା କରିବାକୁ ସାମ୍ବାଦିକ ମିଳିତ ମଂଚର ଆବାହକ ଲିଙ୍ଗରାଜ ସାହୁ ନିବେଦନ କରିଛନ୍ତି । କରୋନା ସମୟରେ ସାମ୍ବାଦିକମାନେ ସତର୍କ ହୋଇ କାର୍ଯ୍ୟ କରିବାକୁ ସାମ୍ବାଦିକ ମିଳିତ ମଂଚ ପକ୍ଷରୁ ନିବେଦନ କରାଯାଇଛି । କରୋନାର ଦ୍ୱିତୀୟ ଲହରୀରେ ଓଡ଼ିଶାରେ ବହୁ ସାମ୍ବାଦିକ ପ୍ରାଣ ହରାଇଲେଣି । ବହୁ ସାମ୍ବାଦିକ ଏହି ରୋଗରେ ଆକ୍ରାନ୍ତ ହେଲେଣି । ଏଥି ପାଇଁ ସତର୍କ ରହି କାର୍ଯ୍ୟ କରିବାକୁ ନିବେଦିନ କରାଯାଇଛି । ସ୍ୱର୍ଗପ୍ରାପ୍ତି ହୋଇଥିବା ସାମ୍ବାଦିକଙ୍କୁ ସାମ୍ବାଦିକ ମିଳିତ ମଂଚ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ପୁଣି ଦାବି ଦୋହରାଇଛି ସାମ୍ବାଦିକ ମିଳିତ ମଂଚ । ସାମ୍ବାଦିକଙ୍କ କଲ୍ୟାଣ ପାଣ୍ଠି ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବିମାକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବିମାରେ ସାମ୍ବାଦିକଙ୍କ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା କିମ୍ବା ସାମ୍ବାଦିକଙ୍କ ବାପା'ମା'ଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଉ । ସେହିପରି ସାମ୍ବାଦିକଙ୍କୁ ଯୁଦ୍ଧ କାଳୀନ ଭିର୍ତିରେ ମାଗଣାରେ କରୋନା ଟିକା ପ୍ରଦାନ ସହ ସଚିବାଳୟ ଯିବା ବାରଣକୁ ଉଠାଯାଉ ବୋଲି ସାମ୍ବାଦିକ ମିଳିତ ମଂଚର ଆବାହକ ଲିଙ୍ଗରାଜ ସାହୁ କହିଛନ୍ତି । ଅନେକ ସମୟରେ ସାମ୍ବାଦିକମାନେ କର୍ତବ୍ୟ କରୁଥିବା ବେଳେ ବହୁବାର ଆକ୍ରମଣର ଶିକାର ହୋଇଛନ୍ତି । ଏଣୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ମଂଚ ପକ୍ଷରୁ ନିବେଦନ କରାଯାଇଛି । ବିଭିନ୍ନ ସାମ୍ବାଦିକଙ୍କ ବାପା ମା' ଗ୍ରାମରେ ରହୁଛନ୍ତି । ସେମାନଙ୍କ ସୁବିଧା ପାଇଁ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମ୍ବାଦିକମାନେ ଉପକୃତ ହେବେ । ସେହିପରି ବିଭିନ୍ନ କଲ୍ୟାଣ ପାଣ୍ଠିକୁ ସରକାର ବୃଦ୍ଧି କରୁଥିବା ବେଳେ ସାମ୍ବାଦିକ ସ୍ୱାସ୍ଥ୍ୟ ବିମାକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ମଂଚ ପକ୍ଷରୁ ଦାବି କରାଯାଇଛି ।






### ୨୦୨୨ ଜୁନ୍ ସୁଦ୍ଧା ଓଡିଶାରେ କୋଭାକ୍ସିନ୍ ଉତ୍ପାଦନ ଲକ୍ଷ୍ୟ

# ଭୁବନେଶ୍ୱରରେ ଟିକା ଉତ୍ପାଦନ ୟୁନିଟ୍‌ର ନିର୍ମାଣ ଆରମ୍ଭ

### ବାଇଓଟେକ୍ ଇନକୁବେସନ ଏବଂ ଉତ୍ପାଦନ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୭।୫(ପି.ଏନ): ଓଡ଼ିଶାରେ ବ୍ୟବସାୟ ଅନୁକୂଳ ବାତାବରଣ ଏବଂ ଇଡ୍‌କୋ ମାଧ୍ୟମରେ ତ୍ୱରିତ ଜମି ଆବଂଟନ ପ୍ରକ୍ରିୟାକୁ ଭୁବନେଶ୍ୱରର ଅନ୍ଧାରୁଆଠାରେ ଟିକା ଉତ୍ପାଦନ ଶିଳ୍ପାନୁଷ୍ଠାନର ନିର୍ମାଣ କାର୍ଯ୍ୟ ଇତି ମଧ୍ୟରେ ଆରମ୍ଭ ହୋଇଛି । ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକୀୟ ବୈଧାନିକ ଏବଂ ଆଇନଗତ ଅନୁମତି ମଧ୍ୟ ଦିଆସରିଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାଇଓଟେକ୍ କାର୍ଯ୍ୟାନ୍ୱୟନ କମିଟିର ଆଲୋଚନାରୁ ଏହା ଜଣାପଡ଼ିଛି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ଼ରେ ଅନୁଷ୍ଠିତ ଏହି ବୈଠକରେ ବିଜ୍ଞାନ ଓ ବୈଷୟିକଜ୍ଞାନ ବିଭାଗ ଶାସନ ସଚିବ ମନୋଜ ମିଶ୍ର ରାଜ୍ୟରେ ବାଇଓଟେକ୍ ନିୟାମକର ବାସ୍ତବ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ ଏବଂ ଆର୍ଥିକ ବିଷୟବସ୍ତୁ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବର୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ଟିକା ଉତ୍ପାଦନ ୟୁନିଟ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ନିର୍ମାଣ ତ୍ୱରାନ୍ୱିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଭାରତ ବାଇଓଟେକ୍ ଇଂଟରନେସନାଲ କମ୍ପାନୀ ଏବଂ ଅନ୍ଧାରୁଆ ବାଇଓଟେକ୍ ପାର୍କ ପାଇଁ ଗଠିତ ସ୍ୱତନ୍ତ୍ର ଏସ.ପି.ଭି.ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୨ ଜୁନ୍ ମାସ ସୁଦ୍ଧା ଏହି ୟୁନିଟ୍‌ରୁ ଟିକା ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ବାଇଓଟେକ୍‌ରେ ନୂତନ ପରୀକ୍ଷାନିରୀକ୍ଷା ଏବଂ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠାକୁ ଅଧିକ ତ୍ୱରାନ୍ୱିତ ଓ ଲକ୍ଷ୍ୟଭେଦୀ କରିବା ନିମନ୍ତେ ଏକ ବୃତିଗତ ନିର୍ଦ୍ଦେଶାଳୟ ତିଆରି କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗୀୟ ଶାସନ ସଚିବ ଶ୍ରୀ ମିଶ୍ର କହିଥିଲେ ଯେ, ଓଡ଼ିଶା ବାଇଓଟେକ୍ ନିୟାମକ ୨୦୧୮ ଅନୁସାରେ ବାଇଓଟେକ୍‌ରେ କାମ କରୁଥିବା ନବ-ଅନୁସନ୍ଧାନକାରୀ (ଇନକୁବେଟର) ଏବଂ ଷ୍ଟାଟ୍‌ଅପ୍ ମାନଙ୍କୁ ଜମି, ଜମିର କିସମ ପରିବର୍ତନ, ଷ୍ଟାମ୍ପ ଡ୍ୟୁଟି, ତାଲିମ, ପୁଂଜିନିବେଶ, ବ୍ୟାଙ୍କ୍ ଋଣ ଉପରେ ସୁଧ ଆଦି ବିଷୟରେ ବିଭିନ୍ନ ପ୍ରକାର ରିହାତି ଦିଆଯାଉଛି । ବୃତିଗତ ପରିଚାଳନା ମାଧ୍ୟମରେ ଏ ସବୁ ରିହାତିର ଅଧିକ ଫଳଦାୟୀ ବିନିଯୋଗ ହୋଇପାରିବ । ଏକ ସ୍ୱତନ୍ତ୍ର ବୃତିଗତ ନିର୍ଦ୍ଦେଶାଳୟ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ଇପିକଲ୍ ଏବଂ ଶିଳ୍ପ ବିଭାଗର ଆନୁଷ୍ଠାନିକ ବ୍ୟବସ୍ଥା ମାଧ୍ୟମରେ ବାଇଓଟେକ୍ ୟୁନିଟ୍ ମାନଙ୍କର ପ୍ରୋତ୍ସାହନ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବାଇଓଟେକ୍ ଇନକୁବେଟର ମାନଙ୍କୁ ବିଭିନ୍ନ ପ୍ରକାର ସହାୟତା ନିମନ୍ତେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଓ ଶିଳ୍ପ ବିଭାଗର ଫଣ୍ଡ ଅଫ୍ ଫଣ୍ଡସ୍‌ରେ ୧୫ କୋଟି ଟଙ୍କାର ପ୍ରାବଧାନ କରାଯାଇଥିଲା । ଇଡ୍‌କୋର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ସିଂ ଜଣାଇଥିଲେ ଯେ, ଭୁବନେଶ୍ୱରର ଇନ୍‌ଫୋସିଟି ନିକଟରେ ଇଡ୍‌କୋ ଦ୍ୱାରା ଏକ ଆଧୁନିକ ଜିରୋ-ହବ୍ ଇନ୍‌କୁବେସନ୍ ଭବନ ନିର୍ମାଣ କରାଯାଇଛି । ବର୍ତମାନ ଇନ୍‌କୁବେସନ୍ ୟୁନିଟ୍ ନିମନ୍ତେ ଏହି ଜରେରା-ହବ୍ ଭବନରୁ ୨୮ ହଜାର ବର୍ଗଫୁଟ ଯାଗା ଦିଆଯାଇପାରିବ । ଏହି ଭବନରେ ଅଧିକ ଆଧୁନିକ ସୁବିଧା ସୁଯୋଗ ସୃଷ୍ଟି କରି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ ବାଇଓଟେକ୍ ଆଦି କ୍ଷେତ୍ରରେ କାମ କରୁଥିବା ଇନକୁବେଟରମାନଙ୍କୁ ଏଥିରେ ସ୍ଥାନ ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ଏହା ଦ୍ୱାରା ଏହି ଭବନରେ ପରସ୍ପରର-ପରିପୂରକ ଭିତିକ ଏକ ଆଧୁନିକ ନବ-ଅନୁସନ୍ଧାନ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ବିଭାଗୀୟ ଶାସନ ସଚିବ ଶ୍ରୀ ମିଶ୍ର କହିଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଓଡ଼ିଶାରେ କାର୍ଯ୍ୟରତ ନବ-ଅନୁସନ୍ଧାନକାରୀ ମାନଙ୍କର ପ୍ରଦର୍ଶନ ଖୁବ୍ ଉତ୍ସାହଜନକ ଅଛି । ବର୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୭୮୦ ଟି ଇନ୍‌କୁବେଟର ୟୁନିଟ୍ କାର୍ଯ୍ୟ କରୁଛି । ଏମାନଙ୍କ ମଧ୍ୟରୁ ୬୫ରୁ ଉର୍ଦ୍ଧ୍ୱ ଇନ୍‌କୁବେଟର ନିଜ ନିଜର ଉତ୍ପାଦ ନିମନ୍ତେ ପ୍ୟାଟେଂଟ, ଟ୍ରେଡ୍‌ମାର୍କ ଓ କପିରାଇଟ୍ ଆଦି ଅନୁମତି ପାଇସାରିଛନ୍ତି । ସମୁଦାୟ ଇନ୍‌କୁବେଟର ମାନଙ୍କ ମଧ୍ୟରୁ ପ୍ରାୟ ୭୫ ଜଣ ବାଇଓଟେକ୍ କ୍ଷେତ୍ରରେ କାମ କରୁଛନ୍ତି । ଅନ୍ଧାରୁଆରେ ଟିକା ଉତ୍ପାଦନ କେନ୍ଦ୍ର ଭାରତ ବାଇଓଟେକ୍ ଇଂଟରନେସନାଲ ଲିଂକ ଦ୍ୱାରା ପ୍ରତିଷ୍ଠା କରାଯାଉଛି । ଏହି କମ୍ପାନୀର ରୋଟାଭାଇରସ୍, ଡାଇରିଆ, ମ୍ୟାଲେରିଆ, ଜାପାନୀ ଜ୍ୱର, ରାବିସ୍, ମହାମାରୀ ଇନ୍‌ଫ୍ଲୁଏଂଜା ଆଦି ବିଭିନ୍ନ ପ୍ରକାର ଆଧୁନି ଟିକା ଉତ୍ପାଦନ କ୍ଷେତ୍ରରେ ଅଭିଜ୍ଞତା ରହିଛି । ଅନ୍ଧାରୁଆଠାରେ ବର୍ତମାନ ନିର୍ମାଣଧିନ ୟୁନିଟ୍‌ରେ କରୋନା ଓ ମ୍ୟାଲେରିଆ ଟିକା ସମେତ ପ୍ରାୟ ୧୦ ପ୍ରକାର ଟିକା ଉତ୍ପାଦନ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଂଜ ବିହାରୀ ଧଳ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ଶାସନ ସଚିବ ସଂଜୟ କୁମାର ସିଂ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ରଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧି ସଦସ୍ୟମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।








# ଟି ଟାଇମ୍

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲି ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକେ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



# ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

# ୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ



କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ଟୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ



ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି



ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଶ୍ରମିକ ଦିବସ: ସେଦିନ - ଆଜି - କେତେ ତଫାତ୍ !



୧୮୮୬ ମସିହା ମଇ ପହିଲାର ପୂର୍ବବର୍ତୀ ଦିବସଗୁଡିକ ଥିଲା-ଅନ୍ଧକାରର ଯୁଗ। ସାମ୍ରାଜ୍ୟବାଦୀ, ପୁଁଜିବାଦୀ, ସାମନ୍ତବାଦୀ, ଦାସ ମାଲିକମାନଙ୍କ ଚରାଭୂଇଁ ଥିଲା ସମଗ୍ର ବିଶ୍ୱ। ଶ୍ରମଜୀବୀ ଶ୍ରେଣୀ ଥିଲା-କ୍ରୀତଦାସ। ପଶୁଠାରୁ ଆହୁରି ହୀନ ଜୀବନଯାପନ କରୁଥିଲେ ଶ୍ରମିକମାନେ। ଜଣେ ଜଣେ ମାଲିକ ହଜାର ହଜାର ଶ୍ରମିକଙ୍କୁ ରାତିଦିନ ପଶୁ ଭଳି ଖଟାଉଥିଲେ। ପ୍ରତିରୋଧ ଦୂରେ ଥାଉ, ପ୍ରତିବାଦର କ୍ଷୀଣଶବ୍ଦଟାଏ ମଧ୍ୟ ଶ୍ରମିକକଣ୍ଠରୁ ଶୁଭୁ ନ ଥିଲା। ଶ୍ରମିକମାନଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣ, ବ୍ୟଭିଚାର ଚରମସୀମା ଲଂଘନ କରିସାରିଥିଲା। ମୁଖମଣ୍ଡଳରେ ସାମାନ୍ୟ ଅସନ୍ତୋଷର ପୁରସ୍କାର ଥିଲା-ଜଘନ୍ୟ ମୃତ୍ୟୁ। ଶ୍ରମିକମାନେ ଅଶାନ୍ତି ଅସନ୍ତୋଷରେ ଜର୍ଜରିତ ବହ୍ନି ସେମାନଙ୍କ ମଧ୍ୟରେ ପ୍ରଜ୍ୱଳିତ ହେଉଥାଏ, କିନ୍ତୁ ବିସ୍ଫୋରଣ ହେବାକୁ ଅହରହ ରାସ୍ତା ଖୋଜୁଥାଏ। ସଚେତନ ସଂଗଠିତ ଶକ୍ତି-ଗୋଷ୍ଠୀ-ଦଳ ଅଭାବରୁ ସବୁ ଫସର ଫାଟିଯାଉଥିଲା।

ଆନ୍ତର୍ଜାତିକ ଶ୍ରମିକ ଦିବସରେ ଐତିହାସିକ ଦିଗ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ, ୟୁରୋପର ବିଭିନ୍ନ ଦେଶମାନଙ୍କରେ ଶ୍ରମିକମାନଙ୍କୁ ପଶୁମାନଙ୍କ ଭଳି ବ୍ୟବହାର କରାଯାଉଥିଲା। ଶିଳ୍ପପତିମାନେ ଅତ୍ୟଧିକ ମୁନାଫା ବଢାଇବା ଲାଳସାରେ ଶ୍ରମିକମାନଙ୍କ ଉପରେ ଅକଥନୀୟ କାମର ବୋଝ ଲଦି ଦେଉଥିଲେ। ସେମାନଙ୍କୁ ଦୈନିକ କୋଡିଏ ଘଂଟା ଲେଖାଏଁ କଠିନ ପରିଶ୍ରମ କରିବାକୁ ପଡୁଥିଲା। କୌଣସି ସାମାଜିକ ଆଇନ କାନୁନ ନଥିଲା। କାମରେ ହେଳାକଲେ ଅଶ୍ଲିଳ ଗାଳିଗୁଲଜ, ଚାବୁକ୍‌ମାଡ ଓ ପାଶବିକ ଅତ୍ୟାଚାର ମଧ୍ୟ ସେମାନଙ୍କୁ ସହ୍ୟକରିବାକୁ ପଡୁଥିଲା। କଳକାରଖାନାର ପଚାପୂତିଗନ୍ଧମୟ ଆବର୍ଜନା ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଅସଂଖ୍ୟ କିଶୋରକିଶୋରୀ ଯୌବନରେ ପାଦ ନ ଦେଉଣୁ ଅକାଳରେ ମୃତ୍ୟୁବରଣ କରୁଥିଲେ। ଶ୍ରମିକମାନେ ଅକାଳବାର୍ଦ୍ଧକ୍ୟର ଶିକାର ହେଉଥିଲେ। ଅନ୍ଧ, ଛୋଟା, ବିକଳାଙ୍ଗ ଓ ରୁଗ୍‌ଣ ହୋଇଗଲେ ସେମାନଙ୍କ ପାଇଁ କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ନଥିଲା। ଏପ୍ରକାର ଦୁଃସହଣୀୟ ପରିସ୍ଥିତି ବିରୁଦ୍ଧରେ ଊନବିଂଶ ଶତାବ୍ଦୀର ପଂଚମ ଦଶକରେ ଇଂଲଣ୍ଡରେ ଶ୍ରମିକ ଆନ୍ଦୋଳନ ଦେଖାଦେଇଥିଲା। ଶିଳ୍ପପତିମାନଙ୍କୁ ଆକ୍ରମଣ କରିବା, କାରଖାନା ପୋଡିଦେବା, ସମ୍ପତି ଲୁଟ୍‌କରିନେବା ଜରିଆରେ ଶ୍ରମିକମାନେ ସେମାନଙ୍କ ଅସନ୍ତୋଷ ଓ ପ୍ରତିବାଦ କରିଥିଲେ। ଫଳରେ ଇଂଲଣ୍ଡରେ କେତେକ ଶ୍ରମିକମଙ୍ଗଳ ଆଇନ୍ ତିଆରି ହେଲା। କିନ୍ତୁ ଶ୍ରମିକମାନଙ୍କର ଏକ ସଚେତନ ସଂଗଠିତ ଶକ୍ତି ଓ କ୍ରମାଗତ ଆନ୍ଦୋଳନ ଅଭାବରୁ ଆଇନ୍‌କାନୁନ୍ କାଗଜକଲମରେ ଅଟକିଗଲା।

୧୮୮୬ ମସିହା ମଇ ପହିଲାରେ ଆମେରିକାର ଶ୍ରମିକଶ୍ରେଣୀ ଅତ୍ୟନ୍ତ ମାନବିକ ଗଣତାନ୍ତ୍ରିକ ଓ ନିମ୍ନତମ ଦାବି ଦିନକୁ ଆଠଘଂଟା ଶ୍ରମଦାବିରେ ମାଲିକଶ୍ରେଣୀ ବିରୁଦ୍ଧରେ ଏକ ଅଭୂତପୂର୍ବ ଧର୍ମଘଟ କରିଥିଲେ। ଶ୍ରମିକମାନଙ୍କ ବିକ୍ଷୋଭ ଶୋଭାଯାତ୍ରା ଉପରେ ମାଲିକ ଓ ପୋଲିସ୍‌ବାହିନୀର ବର୍ବର ଓ ଅମାନୁଷିକ ଆକ୍ରମଣ ଫଳରେ ବହୁ ଶ୍ରମିକ ମୃତ୍ୟୁବରଣ କଲେ। ଧର୍ମଘଟକାରୀ ଶ୍ରମିକମାନଙ୍କ ମୃତ୍ୟୁରେ ଚିକାଗୋ ସହର ରକ୍ତରଂଜିତ ହୋଇଗଲା। କିନ୍ତୁ ମାଲିକଶ୍ରେଣୀର ସେହି ପାଶବିକ ଆକ୍ରମଣ ଆଗରେ ଶ୍ରମିକଶ୍ରେଣୀ ସେଦିନ ମଥାନତ କରି ନଥିଲା। ଶ୍ରମିକର ରକ୍ତରଂଜିତ ଲାଲ ପତାକା ସାରାବିଶ୍ୱରେ ଉତୋଳିତ ହୋଇଥିଲା। ଶ୍ରମିକମାନଙ୍କର ରକ୍ତକ୍ଷୟୀ ସଂଗ୍ରାମ ଓ ପରିଶେଷରେ ବିଜୟ ଏବଂ ଆଠଘଂଟିଆ ଶ୍ରମଦିବସ ଘୋଷଣା ସାରାବିଶ୍ୱର ଶ୍ରମିକଶ୍ରେଣୀ ନିକଟରେ ଏକ ମହତ୍ୱପୂର୍ଣ୍ଣ ଘଟଣା। ସାରା ଦୁନିଆଁରୁ ସମସ୍ତପ୍ରକାର ଶୋଷଣକଷଣ ଲୋପ କରିବା ପାଇଁ ବିଶ୍ୱ ଶ୍ରମିକଶ୍ରେଣୀକୁ ଆହ୍ୱାନ ଦିଆଯାଇଥିଲା।

ବାସ୍ତବରେ ଏହି ଦାବି ହାସଲ ହେବା ପଛରେ ବିଭିନ୍ନ ଦେଶରେ ଶହଶହ ଶ୍ରମିକର ଆତ୍ମତ୍ୟାଗର ମର୍ମସ୍ପର୍ଶୀ ଓ ଆପୋଷହୀନ ସଂଗ୍ରାମର ଇତିହାସ ରକ୍ତର ଅକ୍ଷରରେ ଲେଖାଯାଇଛି। ପୁଂଜିପତି ମାଲିକମାନେ ଶ୍ରମିକମାନଙ୍କୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବାରରୁ ଚଉଦ ଏପରିକି ଅଠର ଘଂଟା କାର୍ଯ୍ୟକରିବାକୁ ବାଧ କରୁଥିଲେ। ଏହି ଅମାନୁଷିକ ନିର୍ମମ ନିଷ୍ଠୁର ଶୋଷଣ ଉପରେ ପୁଂଜିବାଦ ସମୃଦ୍ଧିର ସୌଧ ନିର୍ମାଣ ହୋଇଛି। ମଇ ଦିବସ ସେହି ଇତିହାସର ସାକ୍ଷୀ।

ପୃଥିବୀରେ କେତେ ନଦୀରେ କେତେ ଜଳ ବହିଗଲାଣି। ଦେଶେ ଦେଶେ କେତେ ଯେ ମୌସୁମୀ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେ ଯେ ତ୍ୟାଗପୂତ ଲଢେଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି, ତା'ର ପଟାନ୍ତର ନାହିଁ। ଆଜି ମଧ୍ୟ ପୁଂଜିପତି ଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷଲକ୍ଷ ଶ୍ରମିକ କୃଷକ ଖଟିଖିଆ ମଣିଷ ବଳି ପଡୁଛନ୍ତି। ଏହି ଶୋଷଣ ବିରୁଦ୍ଧରେ ଅଗଣିତ ମୁକ୍ତିପିପାସୁ ଶ୍ରମଜୀବୀ ମଣିଷ ଘୋଷଣା କରିଛି ମରଣପଣ ରକ୍ତକ୍ଷୟୀ ସଂଗ୍ରାମ। ସାରାବିଶ୍ୱରେ ୧୮୮୬ ମସିହାରେ ରକ୍ତରଂଜିତ ମଇ ପହିଲା କୋଟିକୋଟି ନିପୀଡିତ ନିଷ୍ପେସିତ ଜନଗଣଙ୍କୁ ଆଲୋକର ସନ୍ଧାନ ଦେଇଯାଇଛି।

ସେଦିନ ଓ ଆଜି ମଧ୍ୟରେ ଅନେକ ତଫାତ୍। ସମଗ୍ର ବିଶ୍ୱର ପରିସ୍ଥିତି ଦିନକୁ ଦିନ ଜଟିଳ ଆଡକୁ ଗତିକରୁଛି। ପ୍ରତିନିୟତ ପରିବର୍ତନର ଧାରା ପ୍ରବାହିତ ହେବାରେ ଲାଗିଛି। କାଲି ଯାହା ସତ୍ୟ, ପ୍ରଗତିଶୀଳ ଏବଂ ସର୍ବାଧୁନିକ ଥିଲା- ଆଜି ତାହା ପୁରୁଣା ହୋଇଯାଉଛି। ନୂଆ ନୂଆ ଘଟଣା ପ୍ରତ୍ୟେକ ମୁହୂର୍ତରେ ଘଟିଚାଲିଛି। ଅଭିନବ ଉଦ୍‌ଭାବନା ଅହରହ ସୃଷ୍ଟିହେଉଛି। ବିଶ୍ୱର କୋଣେ ଅନୁକୋଣେ ଯେକୌଣସି ସାଧାରଣ-ଅସାଧାରଣ ଘଟଣା-ଅଘଟଣ ଘଟିଯାଉଛି, ଆଖି ପିଛୁଳାକେ ସମୁଦ୍ରର ଢେଉ ଭଳି ଜନମାନସରେ ପ୍ରତିଧ୍ୱନିତ ହେଉଛି। ଗଣମାଧ୍ୟମର ଦ୍ରୁତବିକାଶ ଘଟିଚାଲିଛି। ଯାହାଯୋଗୁଁ ଅଛପା ବୋଲି କିଛି ରହୁନାହିଁ।

ଏକଥା ଦୁଃଖଦାୟକ ହେଲେ ବି ସତ୍ୟ ଯେ ଆଜିକାର ପରିସ୍ଥିତିରେ ଯେତେବେଳେ ଐକ୍ୟବଦ୍ଧ ଟ୍ରେଡ୍‌ୟୁନିୟନ୍ ଆନ୍ଦୋଳନ ଅତ୍ୟନ୍ତ ଜରୁରୀ, ସେତେବେଳେ ଏହି ଆନ୍ଦୋଳନ ବହୁଭାଗରେ ବିଭକ୍ତ। ଅଧିକାଂଶ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ କେବଳ ଆନ୍ଦୋଳନର ପଥ ପରିତ୍ୟାଗ କରିନାହାନ୍ତି, ଅଧିକନ୍ତୁ ଆନ୍ଦୋଳନକୁ ଆଇନର ଚଉହଦୀ ଭିତରେ ଆବଦ୍ଧ କରିରଖୁଛନ୍ତି। ଏହାଦ୍ୱାରା ସେମାନେ ଜାଣତରେ ହେଉ କିମ୍ବା ଅଜାଣତରେ ହେଉ ପୁଂଜିପତି ଶ୍ରେଣୀର ଶ୍ରମିକଶ୍ରେଣୀବିରୋଧୀ ଘୃଣ୍ୟ ଚକ୍ରାନ୍ତକୁ ସହାୟତା କରୁଛନ୍ତି ଓ ଏହାଦ୍ୱାରା ଶ୍ରମିକଶ୍ରେଣୀ ଆନ୍ଦୋଳନ ଭିତରେ ବିଭେଦ ସୃଷ୍ଟି କରୁଛନ୍ତି। ଫଳରେ ଆମ ଦେଶରେ ଓ ଅନ୍ୟାନ୍ୟ ପୁଂଜିବାଦୀ ଦେଶରେ ଫାସିବାଦର କରାଳଛାୟା ମାଡିଯାଉଛି। ସଂକଟଗ୍ରସ୍ତ ଜର୍ଜରିତ ଭାରତୀୟ ପୁଂଜିପତି ଶ୍ରେଣୀ ବିଶ୍ୱୀକରଣ, ଉଦାରୀକରଣ, ଘରୋଇକରଣ ପଥରେ ଯାଇ ସଂକଟର ସମସ୍ତ ବୋଝକୁ ଶ୍ରମିକଶ୍ରେଣୀ ମୁଣ୍ଡରେ ଲଦି ଦେଉଛନ୍ତି। ସାଧାରଣ ମଣିଷ ସୀମାହୀନ ଦୁଃଖଦୁର୍ଦ୍ଦଶା, ନିର୍ଯ୍ୟାତନା ଭୋଗକରୁଛନ୍ତି। ସମସ୍ତ ନୀତି ନୈତିକତା ମାନବିକ ମୂଲ୍ୟବୋଧ ପ୍ରତିଦିନ ଅବକ୍ଷୟ ହେବାରେ ଲାଗିଛି। ସରକାର ଓ ଦେଶୀ-ବିଦେଶୀ ପୁଂଜିପତିଙ୍କ ଅଶୁଭ ମୈତ୍ରୀ ଗଣତାନ୍ତ୍ରିକ ପରମ୍ପରାକୁ ଧ୍ୱଂସକରି ଫାଶୀବାଦୀ ଆକ୍ରମଣ ଚଳାଉଛନ୍ତି। ଯୁବସମ୍ପ୍ରଦାୟ ମଧ୍ୟରେ ମାଦକ ଦ୍ରବ୍ୟ ଓ ଯୌନ ପ୍ରବଣରେ ବୁଡେଇ ରଖି ଅନ୍ଧ ଉନ୍ମାଦନା ଭାବନାରେ ହତାଶ ଓ ଶକ୍ତିହୀନ କରିପକାଉଛି। ତେଣୁ ଶ୍ରମିକଶ୍ରେଣୀ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ସମ୍ପର୍କରେ ସଚେତନ ହୋଇ ଶ୍ରମିକଶ୍ରେଣୀ ଗଣଆନ୍ଦୋଳନରେ ସ୍ୱେଚ୍ଛାକୃତ ଭାବେ ସକ୍ରିୟ ଭାଗନେଲେ ଦେଶରେ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି ହେବ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପ୍ରସାରିତ ଓ ପୂର୍ଣ୍ଣ ପ୍ରତିଷ୍ଠିତ ହେବ। ଭାରତର ଅଗଣିତ ଶୋଷିତ ମେହନତି ମଣିଷକୁ ସମସ୍ତପ୍ରକାର ଶୋଷଣ, କଷଣ, ଜୁଲୁମ ଓ ଅତ୍ୟାଚାରର ନାଗଫାସ କବଳରୁ ମୁକ୍ତ କରିବା ପାଇଁ ଶ୍ରମିକଶ୍ରେଣୀ ଐକ୍ୟବଦ୍ଧ ହେବା ପାଇଁ ଆଗେଇ ଆସନ୍ତୁ। ହେ ମୋର ପ୍ରିୟ ଶ୍ରମିକ ଭାଇଭଉଣୀଏ, ଆଉ ମୁଣ୍ଡରେ ହାତଦେଇ ବସିବାର ବେଳ ନୁହେଁ-ଅଧିକାର ଛିଣ୍ଡାଇ ଆଣିବାର ସମୟ ଆସିଯାଇଛି। କଷ୍ଟ କିମ୍ବା ମୃତ୍ୟୁକୁ ଭୟକରନା। ସଚ୍ଚା ନେତୃତ୍ୱ ଓ ସଠିକ୍ ମାର୍ଗରେ ପ୍ରାଣମୂର୍ଚ୍ଛା ଲଢେଇ କର। ଜୟ ସୁନିଶ୍ଚିତ।

**ମାୟାଧର ନାୟକ**
*ଯାଜପୁର ରୋଡ, ଯାଜପୁର,*
*ମୋ: ୯୮୬୧୦୩୪୧୬୩*





# ଶ୍ରମର ଫଳ ପୁଞ୍ଜିର ବଳ



ଯେଉଁ ଶ୍ରମିକର ଶ୍ରମଦ୍ୱାରା ସାରା ସମାଜ ଖାଦ୍ୟପଦାର୍ଥ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟ ପାଇବା ସମ୍ଭବପର ହେଉଛି, ଆଜି ସେହି ଶ୍ରମିକ ସମାଜରେ ପ୍ରବାସୀ ହେବା ସହ ନିଜର ଫଳ ଉପଭୋଗରୁ ବଂଚିତ ହେଉଛି। ଶ୍ରମ ସମ୍ବନ୍ଧରେ ମାନବର ଦୃଷ୍ଟିକୋଣକୁ ପରିବର୍ତନ କରିବା ପାଇଁ ସମାଜବାଦୀମାନେ ଉଦ୍ୟମ କରିଆସିଛନ୍ତି। ବର୍ତମାନର କରୋନା ମହାମାରୀ ସମୟରେ ସରକାର ତଥା ସାଧାରଣ ଜନତାଙ୍କ ଯେଉଁ ବିଷୟରେ ସର୍ବାଧିକ ଧ୍ୟାନ ଯାଇଥାଏ, ତାହା ହେଉଛି ପ୍ରବାସୀ ଶ୍ରମିକଙ୍କ କାମ କରିବାର ସମସ୍ୟା। ବର୍ତମାନ ଭାରତୀୟ ମାନବ ସର୍ବେକ୍ଷଣ ଅନୁସାରେ ପ୍ରବାସୀ ଶ୍ରମିକମାନଙ୍କର ଅଧିକାର ଜନସଂଖ୍ୟା ପଛୁଆ ଅଂଚଳ, ରାଜ୍ୟ ଆର୍ଥିକ ତଥା ସାମାଜିକ କ୍ଷେତ୍ରରେ ପଛୁଆ ବର୍ଗ ବିଶେଷ କରି ଏସ୍.ସି.ଏସ୍.ଟି ଓ ଓ.ବି.ସି ସମ୍ବନ୍ଧିତ ଅଟେ। ୨୦୧୧ ଜନଗଣନାକୁ ବିଶ୍ଳେଷଣ କଲେ ଜଣାପଡେ ଆନ୍ତଃରାଜ୍ୟ ପ୍ରବାସୀର ୫୦ ପ୍ରତିଶତ ଜନସଂଖ୍ୟା ଉତରପ୍ରଦେଶ, ବିହାର,ରାଜସ୍ଥାନ ଓ ମଧ୍ୟପ୍ରଦେଶଭଳି ରାଜ୍ୟ ସହିତ ଜଡିତ। ଯେଉଁଥିରେ ଉତରପ୍ରଦେଶଭଳି ରାଜ୍ୟ ଓ ବିହାରର ଭାଗ ୩୭ ପ୍ରତିଶତ ଅଟେ। ଓଡିଶାର ୧.୨ ଲକ୍ଷ ମାଇଗ୍ରାଂଟ ଶ୍ରମିକ ରାଜ୍ୟ ବାହାରେ କାର୍ଯ୍ୟରତ। ଦାରିଦ୍ର୍ୟ ସୀମାରେଖାତଳେ ଥିବା ପରିବାରଙ୍କ ପାଇଁ ପ୍ରବାସରେ କାର୍ଯ୍ୟକରି ପରିବାର ପୋଷଣ କରିବା ବର୍ତମାନ ମୁଖ୍ୟସ୍ରୋତରେ ପରିଣତ ହୋଇଛି। ଏହି କାରଣରୁ ପ୍ରତିବର୍ଷ ୪.୫ ପ୍ରତିଶତ ହାରରେ ଆନ୍ତଃରାଜ୍ୟ ପ୍ରବାସରେ ରହି କାର୍ଯ୍ୟ କରିବାର ସଂଖ୍ୟାରେ ବୃଦ୍ଧି ହେବାରେ ଲାଗିଛି।

ଏହି କରୋନା ଭାଇରସ୍ ସଙ୍କଟକାଳରେ ଆମର ଧ୍ୟାନ ଉକ୍ତ ସମସ୍ୟା ଉପରେ ଆକର୍ଷଣ କରିଛି। ଯାହାର ମୁହାଁମୁହିଁ ନିତି ପ୍ରତିଦିନ ଆମର ପ୍ରବାସୀ ଶ୍ରମିକମାନଙ୍କୁ କରିବାକୁ ପଡୁଛି। ଆମ ଦେଶର ସମ୍ବିଧାନ ପ୍ରଦତ ଅଧିକାର ପ୍ରାପ୍ତି ପରେ ମଧ୍ୟ କାର୍ଯ୍ୟରତ ଶ୍ରମିକମାନଙ୍କୁ ପ୍ରବାସୀ କହି ସେମାନଙ୍କୁ ସାବତ ପୁଅର ବ୍ୟବହାର କରିବା ସମୀଚିନ କି? ପ୍ରବାସୀ ଶବ୍ଦ ସେମାନଙ୍କୁ ବେଘର କରିବା ସହ ବାହାର ରାଜ୍ୟ ଉପରେ ନିର୍ଭର କରିବା ସହ ଆତ୍ମସ୍ୱାଭିମାନରୁ ବଂଚିତ କରୁନି କି? ମନେପଡିଥାଏ ଆବ୍ରାହମ୍ ଲିଙ୍କନ୍‌ଙ୍କ ଶ୍ରମ ଓ ଶ୍ରମିକ ଶ୍ରେଣୀ ଉପରେ ଗୁରୁତ୍ୱାରୋପ ସହ ସେ କହିଥିବା କଥା ଶ୍ରମ ପୁଞ୍ଜିର ପୂର୍ବରୁ ଓ ସ୍ୱତନ୍ତ୍ର ଅଟେ। "If the Almighty had evermeant a set of man that should do all of the eating and none of the work. He would have made them with mouths and if he had meant another class to do all the work and no eating. He would have made them with hands only and no mouth". ପୁଞ୍ଜି କେବଳ ଶ୍ରମର ଫଳ, ପୁଞ୍ଜି କେବେଭି ଅସ୍ତିତ୍ୱରେ ଆସିପାରନ୍ତାନି, ଯଦି ଶ୍ରମର ଅସ୍ତିତ୍ୱ ନ ଥାନ୍ତା। ତେଣୁ ଶ୍ରମ ପୁଞ୍ଜିଠାରୁ ଶ୍ରେଷ୍ଠ ଓ ଅଧିକ ମହତ୍ୱର ଅଧିକାରୀ। ତେଣୁ ଶ୍ରମିକମାନଙ୍କର ଶ୍ରମକୁ ତଥା ତାଙ୍କର ସମସ୍ୟାକୁ ମାନବୀୟ ଦୃଷ୍ଟିକୋଣରୁ ଦେଖିବା ଦରକାର। କାମ ଓ ଶ୍ରମକୁ ଉଚିତ ସମ୍ମାନ ଦେବା ଦରକାର। ଶ୍ରମିକମାନଙ୍କର ପ୍ରତ୍ୟେକ ସମସ୍ୟାକୁ ଦୂରଦୃଷ୍ଟିକୋଣରୁ ସରକାରଙ୍କୁ ଏହାର ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ଦରକାର। ମହାତ୍ମାଗାନ୍ଧୀଙ୍କ ଭାଷାରେ-"A Nation may do without its millionaries and without its capitalist but a nation can never do without its labour". ଜାତିର ପ୍ରଗତିପାଇଁ ଶ୍ରମିକଶ୍ରେଣୀ ଯେ ଅପରିହାର୍ଯ୍ୟ ଏକଥା ଏଥିରୁ ସୁସ୍ପଷ୍ଟ। ୨୦୧୫ରେ ପାର୍ଥ ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ୧୮ ସଦସ୍ୟଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଯେଉଁମାନେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଉପରେ ସୁପାରିଶ କରିଥିବା ନିୟମକୁ ଲାଗୁ କରିବାର ସମୟ ଆସିଛି। ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ଏକ ବ୍ୟାପକ ନୀତି ପ୍ରଣୟନ ହେବା ଦରକାର। ସେମାନଙ୍କୁ ନିଜର କର୍ମ କରିବାର ଉଚିତ ପରିସ୍ଥିତି ଠିକ୍ ସମୟରେ ସେମାନଙ୍କ ଉଚିତ ମଜୁରୀ ପ୍ରଦାନ, ଅବକାଶ ଏବଂ ସେମାନେ କାର୍ଯ୍ୟରତ ସ୍ଥାନରେ ସୁରକ୍ଷାର ପ୍ରବନ୍ଧ ହେବା ଦରକାର। ସବୁ ପ୍ରବାସୀ ଶ୍ରମିକମାନଙ୍କ କାର୍ଯ୍ୟସ୍ଥଳୀ ପରେ ଉଚିତ ସୁରକ୍ଷା ସୁନିଶ୍ଚିତ କରିବାପାଇଁ "One Nation One Ration" କାର୍ଡ ସ୍କିମ୍‌କୁ ପ୍ରଭାବଶାଳୀ କରିବା ଦରକାର। ରାଷ୍ଟ୍ରିୟ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଜନବିତରଣ ପ୍ରଣାଳୀ ଅନ୍ତର୍ଗତ ସେମାନଙ୍କୁ ଚାଉଳ, ଡାଲି, ତେଲ ଇତ୍ୟାଦି ଜରୁରୀ ସାମଗ୍ରୀ ଉପଲବ୍ଧି କରାଇବା ଦରକାର। ମନରେଗା ଅନ୍ତର୍ଗତ କାର୍ଯ୍ୟଦିବସକୁ ୧୦୦ ଦିନରୁ ବଢାଇ ୨୦୦ ଦିନ କରିବା ଯଥାର୍ଥ। ଅତ୍ୟଧିକ ଗରୀବଲୋକଙ୍କ ପାଇଁ ନ୍ୟୂନତମ ଆୟ ସୁନିଶ୍ଚିତ କରିବାପାଇଁ ବେସିକ୍ ଇନ୍‌କମ୍ ଭଳି ଯୋଜନା ପ୍ରଣୟନ କରିବା ଦରକାର। ସହରର ଶ୍ରମିକମାନଙ୍କ ସହ ଗ୍ରାମର ଶ୍ରମିକମାନଙ୍କ ପାଇଁ ମଧ୍ୟ ଲାଭଦାୟୀ ରୋଜଗାର ବ୍ୟବସ୍ଥା କରିବା ଦରକାର। କାରଣ "Without Labour Nothing Prospar."

**ଉମାଶଙ୍କର ପ୍ରସାଦ,** ସମ୍ପାଦକ ମାର୍ଗଦର୍ଶୀ ତଥା ସ୍ତମ୍ଭକାର,
ଖୋର୍ଦ୍ଧା, ମୋ: ନଂ-୬୩୭୦୬୭୫୫୬୨

# ଟିକା ପଞ୍ଜୀକରଣ, ତଡିତ ପରୀକ୍ଷା ଓ ପର୍ଯ୍ୟାପ୍ତ ରୋଗଶଯ୍ୟା ଥାଇ କୋଭିଡ୍ ହସ୍‌ପିଟାଲ ନିମନ୍ତେ ସିପିଆଇ(ଏମ୍)ର ଦାବୀ

ଭୁବନେଶ୍ୱର (ପିଏନ୍): ରାଜ୍ୟ ତମାମ କୋଭିଡ୍‌ର ଦ୍ୱିତୀୟ ଲହର ଆତଙ୍କ ଖେଳାଇଥିବା ବେଳେ ଟିକାଦାନ, ପରୀକ୍ଷା ଓ ହସ୍‌ପିଟାଲ ବେଡ୍ ଅଭାବ ଯୋଗୁଁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଘୋର ଉଦ୍‌ବେଗ ପ୍ରକାଶ କରାଯାଇଛି। ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ସଂପାଦକ ଅଳି କିଶୋର ପଟ୍ଟନାୟକ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କୋଭିଡ୍ ନୂତନ ସଂସ୍କରଣରେ ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଘୋର ଅବ୍ୟବସ୍ଥା ଲାଗି ରହିଛି। ରାଜ୍ୟରେ ଶତକଡା ୭୦ ଭାଗ ବେଡ୍ ଖାଲି ରହିଥିବା ସମ୍ପର୍କରେ ସରକାରୀ ସ୍ୱଷ୍ଟିକରଣ ଭିତିହୀନ। କାରଣ ସାମାନ୍ୟ ଅଥବା ମଧ୍ୟମ ସଂକ୍ରମଣ ରୋଗୀଙ୍କ ପରୀକ୍ଷା ନକରି ଦିନ ଦିନ ପର୍ଯ୍ୟନ୍ତ ସାଧାରଣ ଆପାତ କାଳୀନ ୱାର୍ଡରେ ପକାଇ ରଖାଯାଉଛି। ଫଳରେ ରୋଗୀଙ୍କ ସମ୍ପର୍କୀୟ ତଥା ବାହାର ଲୋକଙ୍କ ସଂସ୍ପର୍ଷରେ ଆସିବା ଫଳରେ, ଲୋକ ସଂକ୍ରମିତ ହେଉଛନ୍ତି। ଆପାତକାଳୀନ ୱାର୍ଡରୁ କୋଭିଡ୍ ୱାର୍ଡକୁ ନ ନେବା ଯୋଗୁଁ ବେଡ୍ ଖାଲି ରହୁଛି ଦର୍ଶାଇବା ଯୁକ୍ତିଯୁକ୍ତ ନୁହେଁ। ବହୁ ସ୍ଥାନରେ ଆପାତକାଳୀନ ୱାର୍ଡରୁ କୋଭିଡ୍ ୱାର୍ଡକୁ ନ ନନେବା ଯୋଗୁଁ ବେଡ୍ ଖାଲି ରହୁଛି। ଦର୍ଶାଇବା ଯୁକ୍ତିଯୁକ୍ତ ନୁହେଁ। ବହୁ ସ୍ଥାନରେ ଆପାତକାଳୀନ ୱାର୍ଡର ଖଟିଆ ଅଭାବ ଯୋଗୁଁ ରୋଗୀଙ୍କୁ ତଳେ ଶୁଆଇ ଅଥବା ଚୌକିରେ ବସାଇ ୪/୫ ଦିନ ପର୍ଯ୍ୟନ୍ତ ଅକ୍ସିଜେନ ଦେବା ଏକ ସାଧାରଣ ଘଟଣା ହୋଇଛି। ଆକ୍ରାନ୍ତ ସଂଖ୍ୟା କମ୍ କରି ଦର୍ଶାଇବା ନିମନ୍ତେ ଏପରି କୌଶଳ ନିଆଯାଉଛି। ପରୀକ୍ଷା ନିମନ୍ତେ ଚିକିତ୍ସାକାରୀ ଡାକ୍ତରଙ୍କ ସୁପାରିଶ ବଦଳ ଅଣ ଚିକିତ୍ସକ ଜିଲ୍ଲା ପ୍ରଶାସନ ହାତରେ ନିଷ୍ପତି ନେବା ଅଧିକାର ଫଳରେ ଚଞ୍ଚଳତାପୂର୍ଣ୍ଣ ଭାବେ ସଂକ୍ରମିତ ସଂଖ୍ୟା କମ୍ କରି ଦର୍ଶାଯାଉଛି। ସେହିପରି କୋଭିଡ୍ ଟିକା ଦାନକୁ ମାଗଣା ଓ ସାର୍ବଜନିନ କରିବା ଦାବୀ ବଦଳରେ ଓଡିଶା ରାଜ୍ୟ ସରକାର ଦେଶର ପ୍ରଥମ ରାଜ୍ୟ ଭାବେ ଖୋଲା ବଜାରରେ ଟିକା ଉପଲବ୍ଧ ପାଇଁ ପ୍ରସ୍ତାବ ଦେଲେ। ଏହା ସହ କେନ୍ଦ୍ର ସରକାର ଶତକଡା ୫୦ ଭାଗ ଟିକା ଖୋଲା ବଜାରକୁ ଛାଡିବା ପାଇଁ ଟିକା ପ୍ରସ୍ତୁତକାରୀ କମ୍ପାନୀ ମାନଙ୍କୁ ଅନୁମତି ପ୍ରଦାନ ଫଳରେ ଟିକା ମୂଲ୍ୟ ସରକାରଙ୍କ ପାଇଁ ୪୦୦ ଓ ଘରୋଇ ଡାକ୍ତରଖାନା ପାଇଁ ୬୦୦ ଟଙ୍କା ଘୋଷଣା କରିଦେଲେ। ଅଥଚ ସିରମ ଇନଷ୍ଟିଚ୍ୟୁଟ ମାଲିକ ପୁନାୱାଲା ଏପ୍ରିଲ ୬ ତାରିଖ ଦିନ ଟିକାର ମୂଲ୍ୟ ଲାଭ ସହ ୧୫୦ରୁ ୧୬୦ (ଡୋଜ୍ ପ୍ରତି) ହେବ ବୋଲି ଘୋଷଣା କରିଥିଲେ।

ସ୍ୱାଧିନତା ପରଠାରୁ ଦେଶରେ ବସନ୍ତ, କଲେରା, ସ୍ୱାଇନ୍ ଫ୍ଲୁ, ପ୍ଲେଗ୍, ପୋଲିଓ, କୁଷ୍ଠ, ମାଲେରିଆ, ଫାଇଲେରିଆ ଆଦି ସଂକ୍ରମଣ ରୋକିବା ନିମନ୍ତେ ବିନା ମୂଲ୍ୟରେ ଟିକା ଓ ଔଷଧ ବିତରଣ ବ୍ୟବସ୍ଥା ଥିବା ବେଳେ କେନ୍ଦ୍ର ବିଜେପି ସରକାରଙ୍କ "ନୂତନ ଭାରତ" ପରିକଳ୍ପନାରେ 'ସ୍ୱାସ୍ଥ୍ୟ ସେବା' ପରିବର୍ତେ 'ସ୍ୱାସ୍ଥ୍ୟ ବ୍ୟବସାୟ' କୁ ପ୍ରାଥମିକତା ଦେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଖୋଲା ବଜାରରେ ଟିକା ଉପଲବ୍ଧ ପାଇଁ କହିବା ଅର୍ଥ ହେଉଛି "ସ୍ୱାସ୍ଥ୍ୟ ବ୍ୟବସାୟ" କୁ ଦୃଢିଭୂତ କରିବା। ଶେଷରେ କେନ୍ଦ୍ର ଓ ରାଜ୍ୟ ସରକାର ଜନମତର ଚାପରେ ୧୮ରୁ ୪୪ ବର୍ଷ ବର୍ଗର ଲୋକଙ୍କ ପାଇଁ ମାଗଣା ଟିକା ଉପଲବ୍ଧ ପାଇଁ ଘୋଷଣା କଲେ ସୁଦ୍ଧା ଏହାକୁ ଅକାମି କରିଦେବାକୁ ଗଭୀର ଷଡଯନ୍ତ୍ର ରହିଛି। ଟିକା ପ୍ରାପ୍ତି ପାଇଁ ଅନ୍ ଲାଇନ୍ ପଞ୍ଜୀକରଣ ବାଧ୍ୟତାମୂଳକ କରିବା ଯୋଗୁଁ ଓଡିଶା ଭଳି ରାଜ୍ୟର ବିପୁଳ ଅଂଶ ଏଥିର ବଞ୍ଚିତ ହେବେ। ପଞ୍ଜୀକରଣର ପ୍ରଥମ ଦିନର ୩ ଘଣ୍ଟା ମଧ୍ୟରେ ଭାକ୍ସିନେସନ ଦୁର୍ବଳ ଭାକ୍ସିନେସନ୍ ପୋର୍ଟାଲ କୌୱିନ୍ ପଞ୍ଜୀକରଣ ବୋଝ ସମ୍ଭାଳି ନପାରି ଭୁଷୁଡି ପଡିଲା। ଯେଉଁମାନେ ପଞ୍ଜୀକରଣ କରିଛନ୍ତି ସେମାନଙ୍କ ୩/୪ ମାସ ପରେ ଟିକାଦାନ ତାରିଖ ମିଳିବା ଫଳରେ ବାଧ କରି ଘରୋଇ ହସପିଟାଲକୁ ଠେଲିବା ବ୍ୟବସ୍ଥା ହୋଇଛି। ଓଡିଶାରେ ୧୮ରୁ ୪୫ ବର୍ଷ ବର୍ଗ ମଧ୍ୟରେ ମୋଟ ୧ କୋଟି ୯୩ ଲକ୍ଷ ଜନସଂଖ୍ୟା ରହିଛି। ରାଜ୍ୟର ଆଦିବାସୀ ବହୁଳ ଦୂରାନ୍ତ ଜିଲ୍ଲା ସମେତ ରାଜ୍ୟ ତମାମ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବା ଅତ୍ୟନ୍ତ ଦୁର୍ବଳ ଥିବା ବେଳେ ଅନଲାଇନ ପଞ୍ଜୀକରଣ ମୋଟେ ସମ୍ଭବ ନୁହେଁ। ଡୋଜ୍ ପ୍ରତି ୧୨୦୦ ଟଙ୍କା ଖର୍ଚ୍ଚ କରି ଘରୋଇ କ୍ଷେତ୍ରରେ ଟିକା ଗ୍ରହଣର ଚାପ ଯୋଗୁଁ ଓଡିଶାରେ ବିପୁଳ ଅଂଶକୁ ଟିକା ପ୍ରାପ୍ତରୁ ବଞ୍ଚିତ କରିବ। ରାଜ୍ୟ ସରକାର ତୁରନ୍ତ ପୂର୍ବଭଳି ଅନଲାଇନ ଓ ଅଫ୍ ଲାଇନ୍ କେନ୍ଦ୍ରରେ ପଞ୍ଜୀକରଣ କରି ଟିକା ଦାନ ବ୍ୟବସ୍ଥା କରିବାକୁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବି କରାଯାଇଛି। ସେହିପରି ପର୍ଯ୍ୟାପ୍ତ ଟିକା ଡୋଜ୍ ଓଡିଶା ଆଣିବାକୁ ଦାବି କରାଯାଇଛି। କୋଭିଡ୍ ହସ୍‌ପିଟାଲରେ ରୋଗୀ ଥରେ ଭର୍ତି ହେବା ପରେ ରୋଗୀଙ୍କର ଅବସ୍ଥା ସମ୍ପର୍କରେ ଆତ୍ମୀୟ ମାନଙ୍କ ଜାଣିବା ମୋଟେ ସମ୍ଭବ ହେଉନାହିଁ। ହେଲ୍ପ ଡେସ୍କ ସକ୍ରୀୟ ରୂପେ କାର୍ଯ୍ୟ କରୁନାହିଁ। ତେଣୁ କୋଭିଡ୍ ୱାର୍ଡକୁ ସି ସି ଟିଭି କ୍ୟାମେରା ସହ ସଂଯୁକ୍ତ କରି ହସପିଟାଲ ଗେଟ ବାହାରେ ରୋଗୀଙ୍କ ସମ୍ପର୍କୀୟ ମାନେ ଦେଖିବା ବ୍ୟବସ୍ଥା ହେବା ଦରକାର।

ଅନ୍ୟ ରାଜ୍ୟ ଭଳି ଓଡିଶାରେ ମଧ୍ୟ "ରେମ୍ ଡେସିଭିର" ସହ ଅନ୍ୟାନ୍ୟ ଜୀବନ ରକ୍ଷାକାରୀ ଔଷଧ ଓ ଇଞ୍ଜେକସନର କଳା ବଜାର ଖୋଲା ବଜାର ଭଳି ଚାଲିଛି। କେତେକ ସ୍ଥାନରେ ଅସାଧୁ ବ୍ୟବସାୟୀମାନେ ୩୦ରୁ ୪୦ ହଜାର ଟଙ୍କାରେ ଗୋଟିଏ ଡୋଜ୍ 'ରେମ୍ ଡେସିଭିର' ସହ ଅନ୍ୟାନ୍ୟ ଜୀବନ ରକ୍ଷାକାରୀ ଔଷଧ ଓ ଇଞ୍ଜେକସନ୍‌ର କଳା ବଜାର ଖୋଲାବଜାର ଭଳି ଚାଲିଛି। କେତେକ ସ୍ଥାନରେ ଅସାଧୁ ବ୍ୟବସାୟୀ ମାନେ ୩୦ରୁ ୪୦ ହଜାର ଟଙ୍କାରେ ଗୋଟିଏ ଡୋଜ୍ 'ରେମ୍ ଡେସିଭିର' ବିକ୍ରୀ କରୁଥିବା ଦେଖା ଦେଲାଣି। ରାଜ୍ୟ ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ଦାବୀ କରାଯାଇଛି।

## ଜିଲ୍ଲାରେ ପ୍ରଥମ ଥର ପାଇଁ ୪ଜଣ କିନ୍ନରଙ୍କୁ ମଧୁବାବୁ ପେନସନ ପ୍ରଦାନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମ ଥର ପାଇଁ ୪ଜଣ କିନ୍ନରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ "ସ୍ୱୀକୃତି" ଯୋଜନାରେ ମଧୁବାବୁ ପେନସନ ପ୍ରଦାନ କରାଯାଇଛି। କୋଭିଡ-୧୯ର ଦ୍ୱିତୀୟ ଲହରର ନିର୍ଦ୍ଦେଶାବଳୀ ଅନୁଯାଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ୍ ଚନ୍ଦ୍ର ଦାସ ୪ଜଣ କିନ୍ନରଙ୍କୁ ପେନସନ କାର୍ଡ ସହ ୫ଶହ ଟଙ୍କା ଲେଖାଁଏ ପ୍ରତ୍ୟେକଙ୍କୁ ପେନସନ ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଆଳି ବ୍ଲକର ଏରଡାଙ୍ଗ ପ□ାୟତର ମହୁ ଗ୍ରାମର ମିନତୀ ତ୍ରିପାଠୀ, ପିତା - ମେଘନାଦ ଓ ଲିପସା ପରିଡା,ପିତା - ବିଜୟ, ରାଜକନିକା ବ୍ଲକର ବାଘବୁଦା ପ□ାୟତର ୨ଜଣ ସବେରା ବେଗମ ଓ ଖାନମ ବେଗମ,ପିତା - ମିର୍ଜା କରିମ। ଆସନ୍ତା ମାସରୁ ସେମାନେ ନିଜ ନିଜ ବ୍ଲକରୁ ନିୟମିତ ଭାବେ ଭ□ା ପାଇବେ ବୋଲି ସୂଚନା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର କିନ୍ନର ସୁରକ୍ଷା ଆଇନ - ୨୦୧୯ର କାର୍ଯ୍ୟାକାରିତା ବଳରେ ସେମାନଙ୍କୁ ପ୍ରଥମ ଥର ପାଇଁ ଜିଲ୍ଲାପାଳଙ୍କ ସ୍ୱାକ୍ଷରରେ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଅନଲାଇନ ଆବେଦନପତ୍ର ଅନୁଯାଇ ଏହି ଭ□ା ମଞ୍ଜୁର କରାଯାଇଛି। ଜିଲ୍ଲାର ୯ଜଣ କିନ୍ନର ଚିହ୍ନଟ ହୋଇଥିଲେ ମଧ୍ୟ ଆଗକୁ ଆସି ଜିଲ୍ଲାପାଳଙ୍କଠାରୁ କିନ୍ନର ପରିଚୟପତ୍ର ନେବାକୁ ଆଗଭର ହେଉନଥିବାରୁ ସେମାନଙ୍କୁ ଏହା ଦେବା ସମ୍ଭବ ହେଉ ନ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଭାଗର ଅନଲାଇନ ପୋର୍ଟାଲରେ ଉପଯୁକ୍ତ କିନ୍ନର ପ୍ରାର୍ଥି ଆବେଦନ କଲେ ସେମାନଙ୍କୁ ପ୍ରଥମେ ପରିଚୟ ପତ୍ର ଓ ପରେ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କେନ୍ଦ୍ରାପଡା ଜିଲ୍ଲା ପରିଷଦର ବରାଦି ବୈଠକ ଡକାଯିବା ପାଇଁ ନୋଟିସ ଦେଲେ ଜିଲ୍ଲା ପରିଷଦର ୧୬ଜଣ ସଭ୍ୟସଭ୍ୟା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପରିଷଦର ଏକ ବରାଦି ବୈଠକ ଡକାଯିବା ପାଇଁ ଜିଲ୍ଲା ପରିଷଦର ୧୬ଜଣ ସଭ୍ୟସଭ୍ୟା ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ନୋଟିସ ଦେଇଥିବା ସୂଚନା ମିଳିଛି। ଗତ ଜାନୁଆରୀ ମାସ ୨୨ତାରିଖରେ ଅନୁଷ୍ଠିତ ଜିଲ୍ଲା ପରିଷଦର ଅଷ୍ଟମ ସାଧାରଣ ବୈଠକ ନିୟମ ଅନୁଯାୟୀ ସଠିକ ଭାବରେ ହୋଇନଥିବାରୁ ପ୍ରତି ୨ମାସରେ ଥରେ ଜିଲ୍ଲା ପରିଷଦର ସାଧାରଣ ବୈଠକ କରାଯିବାକୁ ସଭ୍ୟସଭ୍ୟାମାନେ ଦାବି କରିଥିଲେ। ଏହା ମଧ୍ୟରେ ୩ମାସ ବିତିଯାଇଥିଲେ ବି ଜିଲ୍ଲା ପରିଷଦର ସଭାପତି, ମୁଖ୍ୟ ନିର୍ବାହୀ ଅଧିକାରୀ କିମ୍ବା ନିର୍ବାହୀ ଅଧିକାରୀ ପ୍ରମୁଖ ସାଧାରଣ ପରିଷଦ ବୈଠକ ଡାକିବା ଦିଗରେ କୌଣସି ପଦକ୍ଷେପ ନେଇନଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲା ପରିଷଦ ଆଇନ ତଥା ବିଧି ବ୍ୟବସ୍ଥା ଅନୁଯାଇ ସଭ୍ୟସଭ୍ୟାମାନେ ଜିଲ୍ଲା ପରିଷଦର ଏକ ବରାଦି ବୈଠକ ଡାକିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ନୋଟିସ ପ୍ରଦାନ କରିବା ସହ ସେହି ନୋଟିସର ନକଲ ଜିଲ୍ଲା ପରିଷଦର ସଭାପତି ଏବଂ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ସେହି ବରାଦୀ ବୈଠକରେ ପୂର୍ବ ସାଧାରଣ ବୈଠକରେ ନିଆଯାଇଥିବା ନିଷ□ିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯିବା ସହ କୋଭିଡ-୧୯ର ଦ୍ୱିତୀୟ ଲହରକୁ ମୁକାବିଲା ପାଇଁ ଆଲୋଚନା, ପ□ାୟତିରାଜ ବିଭାଗ ପକ୍ଷରୁ ଜିଲ୍ଲାର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମଞ୍ଜୁର କରାଯାଇଥିବା ଆର୍ଥିକ ଅନୁଦାନ ବିଶେଷ କରି ୧୫ତମ ସି.ଏଫ.ସି.ର ବେସିକ(ଟାଏଡ) ଗ୍ରା□,ଏମ.ଭି. ଟ୍ୟାକ୍ସ ଗ୍ରା□,ଗ୍ରା□-ଇନ-ଏଡ ଓ ମନରେଗା ସମ୍ପର୍କରେ ଆଲୋଚନା କରାଯିବାକୁ କାର୍ଯ୍ୟସୂଚି ପ୍ରଦାନ କରାଯାଇଛି। ୧ନମ୍ବର ଜୋନର ଜିଲ୍ଲା ପରିଷଦର ସଭ୍ୟ ଧନରଞ୍ଜନ ବୋଷ, ୨୨ନମ୍ବର ଜୋନର କବିତା ମଲିକ, ୮ନମ୍ବର ଜୋନର ଜ୍ୟୋତ୍ସ୍ନାରାଣୀ ଜେନା, ୬ନମ୍ବର ଜୋନର ଦେବାଶିଷ ଦାସ, ୨୪ନମ୍ବର ଜୋନର ସାଗରିକା ମଲ୍ଲିକ୍, ୧୧ନମ୍ବର ଜୋନର ଅହଲ୍ୟା ଲେଙ୍କା, ୧୫ନମ୍ବର ଜୋନର ନାରଦ ଚନ୍ଦ୍ର ବିଶ୍ୱାଳ, ୨୬ନମ୍ବର ଜୋନର ଗଣେଶ ଚନ୍ଦ୍ର ସାମଲ, ୫ନମ୍ବର ଜୋନର ରେଶ୍ମୀ ଚକ୍ରବ□ୀ, ୨୦ନମ୍ବର ଜୋନର ପିକରାଣୀ ହୋତା, ୯ନମ୍ବର ଜୋନର ସନ୍ତୋଷ କୁମାର ଜେନା, ୨୧ନମ୍ବର ଜୋନର ଦେବ ଚୌଧୁରୀ, ୧୬ନମ୍ବର ଜୋନର ସ୍ୱପ୍ନାରାଣୀ ଖଣ୍ଡାଇ, ୩୧ନମ୍ବ ର ଜୋନର ସବିତା ସେଠୀ, ୩୦ନମ୍ବର ଜୋନର ରବୀନ୍ଦ୍ର ସେଠୀ ଓ ୩୨ନମ୍ବର ଜୋନର ସଭ୍ୟ ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଏହି ବରାଦି ବୈଠକ ପାଇଁ ପ୍ରଦାନ କରାଯାଇଥିବା ନୋଟିସରେ ସ୍ୱାକ୍ଷର କରିଥିବା ଜଣାପଡିଛି।

## କୋଭିଡ ସମୟରେ କାର୍ଯ୍ୟ କରିଥିବା ଏ.ଏନ୍.ଏମ୍‌ଙ୍କ ବକେୟା ଦରମା ପାଇଁ ଦାବି

କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲାର ବିଭିନ୍ନ କୋଭିଡ କେନ୍ଦ୍ରରେ ୨୪୯ଜଣ ଏଏନ୍ଏମ ୫ ମାସ ଧରି କାର୍ଯ୍ୟ କରିଥିଲେ। ସେମାନେ ୩ମାସର ଦରମା ପାଇଥିବାବେଳେ ଅବଶିଷ୍ଟ ଦୁଇ ମାସର ଦରମା ଏପର୍ଯ୍ୟନ୍ତ ପାଇନଥିବା ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ବାରମ୍ବାର ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କରିଥିବା ସତ୍ୱେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ସେମାନଙ୍କ ବକେୟା ଦୁଇ ମାସର ଦରମା ତୁରନ୍ତ ପ୍ରଦାନ କରାଯିବା ସହିତ ସେମାନଙ୍କୁ ବିଭିନ୍ନ କୋଭିଡ କେନ୍ଦ୍ରରେ ନିଯୁକ୍ତି ଦେବାପାଇଁ ସେମାନେ ଦାବି କରି ଆଜି ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## କେନ୍ଦ୍ରାପଡା ଜିଲ୍ଲାରେ କରୋନା ପଜିଟିଭ ସଂଖ୍ୟାବୃଦ୍ଧି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଗତ ରବିବାର ୪୬ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେଥିମଧ୍ୟରୁ ଆଳି ବ୍ଲକରେ ୨ଟି କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶି ବ୍ଲକରେ ୩ଟି, ଗରଦପୁର ବ୍ଲକରେ ଗୋଟିଏ, କେନ୍ଦ୍ରାପଡା ବ୍ଲକରେ ୧୨ଟି, ମହାକାଳପଡା ବ୍ଲକରେ ଗୋଟିଏ, ମାର୍ଶାଘାଇ ବ୍ଲକରେ ୫ଜଣ, ପଟ୍ଟାମୁଣ୍ଡାଇ ବ୍ଲକରେ ୯ଜଣ, ରାଜକନିକା ବ୍ଲକରେ ୩, ରାଜନଗର ବ୍ଲକରେ ୯ଜଣ ଓ କେନ୍ଦ୍ରାପଡା ପୌରା□ଳରେ ଗୋଟିଏ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି। ଜିଲ୍ଲାରେ ଧିରେ ଧିରେ କରୋନା ପଜିଟିଭ କେଶ ବଢୁଥିବାର ସୂଚନା ମିଳିଛି। ଜିଲ୍ଲାରେ କୋଭିଡ କଟକଣାକୁ ଆହୁରି କଡାକଡି କରାଯିବାର ଆବଶ୍ୟକତା ରହିଛି। ଅନ୍ୟ ଏକ ସୂଚନା ଅନୁଯାଇ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପ□ାୟତରେ ଦିଲ୍ଲୀରୁ ଆସିଥିବା ଏକ ପରିବାର ପହଁଚିଥିବା ଏବଂ ସେମାନେ ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କୁ କୋଭିଡ ହସପିଟାଲକୁ ନିଆଯିବାର ଆବଶ୍ୟକତା ରହିଛି। ଏସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ ଜଣାଇ ଦିଆଯାଇଥିଲେବି ଅଦ୍ୟାବଧି ବିଡିଓଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ରବିବାର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା, ନରଣପୁର, ବାଲିଗୋଠ, ଗଣ୍ଡାଖିଆ, ପୁରୁଷୋ□ମପୁର, କୋରୁଆ ପ୍ରଭୃତି ଗ୍ରାମକୁ ଗୁଜୁରାଟରୁ ପ୍ରାୟ ୩୫ଜଣ ପ୍ରବାସୀ ଆସି ପହଁଚିଥିବା ଯୋଗୁଁ ସଂପୃକ୍ତ ଗ୍ରାମବାସୀଙ୍କ ଭିତରେ ଭାଳେଣି ପଡିଯାଇଥିବା ସୂଚନା ମିଳିଛି।




## ରାସ୍ତାରେ ଆଇରନ ପିଲେଟ୍ ଯୋଗୁଁ ଦୁର୍ଘଟଣା ବୃଦ୍ଧ



ଯୋଡା/ବଡକାଳିମାଟି: ଯୋଡା ଖଣିମଣ୍ଡଳରେ ଟ୍ରାଫିକ ସମସ୍ୟା ଓ ନିୟନ୍ତ୍ରଣକୁ ନେଇ ପ୍ରଶାସନିକ ସ୍ତରରେ ବୈଠକ ଉପରେ ବୈଠକ ହେଉଥିଲେ ହେଁ,ସୁଧାର ଆସିବା ପରିବ□େ ଅବସ୍ଥା ଜଟିଳ ହେବାରେ ଲାଗିଛି । ରାସ୍ତାଘାଟର ଶୋଚନୀୟ ଅବସ୍ଥା ହେତୁ ଟ୍ରାଫିକ ସମସ୍ୟା ଅ□ଳରେ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ବିଭିନ୍ନ କାରଣରୁ ହେଉଥିବା ଏହି ସମସ୍ୟା ଉପରେ ପ୍ରଶାସନର କୌଣସି ଅଙ୍କୁଶ ଲାଗୁନଥିବା ଦେଖାଦେଇଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବସନ୍ତପୁରରୁ କାଳିମାଟି ପର୍ଯ୍ୟନ୍ତ ରାସ୍ତାରେ । ଆଦିତ୍ୟ ବିର୍ଲା କମ୍ପାନୀର ପ୍ରୋ ମିନେରାଲ ପ୍ରାଇଭେଟ ଲିମିଟେଡର ଖାମଖିଆଲି ମନୋଭାବ ଓ ପରିବହନ କ୍ଷେତ୍ରରେ ଠିକାସଂସ୍ଥାର ମନମାନୀ କାରଣରୁ ରାସ୍ତା ଉପରେ ବିଛାଡି ହୋଇପଡିଛି ଟନ୍ ଟନ୍ ଆଇରନ ପିଲେଟ । ଯାହାଫଳରେ ବାଇକ୍ ଆରୋହୀ ଠାରୁ ଆରମ୍ଭ କରି ଛୋଟ ଯାନବାହାନ ଗୁଡିକ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେବା ସହିତ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ ।

କାରଖାନାରୁ ବାହାରୁ ଥିବା ଆଇରନ ପିଲେଟ୍‌କୁ ପ୍ୟାକିଙ୍ଗ୍ ବା ଆବଦ୍ଧ ନକରି ପରିବହନକାରୀ ସଂସ୍ଥା ଭାରୀଯାନର ଖୋଲା ଡାଲାରେ ବୋଝେଇ କରି ବିଭିନ୍ନ ଗନ୍ତବ୍ୟ ଷ୍ଟକୟାର୍ଡ କିମ୍ବା ରେଲୱେ ସାଇଡିଂ ଗୁଡିକୁ ପରିବହନ କରୁଥିବା କାରଣରୁ ରାସ୍ତାସାରା ଏହି ପିଲେଟ୍ ଗୁଳି ଗୁଡିକ ବିଛାଡି ହୋଇପଡୁଛି । ଏହି କାରଣରୁ ସମ୍ପୃକ୍ତ ରାସ୍ତାରେ ସାଧାରଣ ସାଚ୍ଛନ୍ଦ ଯାତାୟତ ପ୍ରତିହତ ହେଉଥିବା ସମୟରେ ଏହି ପରିସ୍ଥିତି ବିଭିନ୍ନ ପ୍ରକାର ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବାର ଖବର ମିଳିଛି । ବାରମ୍ବାର ଅଭିଯୋଗ ସ□େ କମ୍ପାନୀ କ□ୃପକ୍ଷଙ୍କ ଖାମଖିଆଲି ମନୋଭାବ କାରଣରୁ ମୁଖ୍ୟତଃ ରାସ୍ତାରେ ସାଧାରଣ ସ୍ୱଚ୍ଛନ୍ଦ ଯାତାୟତ ପ୍ରତିହତ ହେଉଥିବାର ଅଭିଯୋଗ ହୋଇଛି । ମୁଖ୍ୟତଃ ଦୁଇ ଚକିଆ ଆରୋହୀ ଏହାର ଅଧିକ ଶିକାର ପାଲଟୁଥିବାର ଅଭିଯୋଗ ହୋଇଛି । ପ୍ଲା□ରୁ ବିଭିନ୍ନ ଷ୍ଟକୟାର୍ଡ ସମେତ ବିଭିନ୍ନ ରେଲସାଇଡିଂକୁ ପରିବହନ ସମୟରେ ଭାରୀଯାନ ଡାଲାରୁ ବ୍ୟାପକ ପରିମାଳରେ ଖସିପଡି ରାସ୍ତାରେ ପିଲେଟ ଗୁଡିକ ବିଛୁଡି ହୋଇ ପଡିବା ଦ୍ୱାରା ବ୍ୟାପକ ଦୁର୍ଘଟଣା ବୃଦ୍ଧି ପାଉଛି । ସୋମବାର ଏହିଭଳି ଦୁର୍ଘଟଣା ଘଟି ନଇବୁଗା ଅ□ଳର ରଞ୍ଜୀତ କୁମାର ପାତ୍ର ଦୁର୍ଘଟଣାର ଶିକାର ହୋଇଛନ୍ତି । ତେବେ ଉକ୍ତ ରାସ୍ତାରେ ପ୍ରବଳ ମାତ୍ରାରେ ପିଲେଟ୍ ଗୋଲି ବିଚ୍ଛୁରିତ ହୋଇ ପଡିରହିଥିଲେ ହେଁ ସମ୍ପୃକ୍ତ ପିଲେଟ୍ କାରଖାନା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଓ ପକାଇଥିବା ଟ୍ରକ ଉପରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ କରୋନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଯାଜପୁର: ଯାଜପୁର ଟାଉନ ଗାନ୍ଧିଛକ ଠାରୁ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଏକ କରୋନା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ କରୋନା ଠାରୁ କିପରୀ ରକ୍ଷା ପାଇପାରିବା ସେ ସମ୍ପର୍କରେ ଯାଜପୁର ଟାଉନ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇଛନ୍ତି ଲୋକମାନେ ସବୁବେଳେ ମାକ୍ସ ପିନ୍ଧିବା, ସାବୁନରେ ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା, ଅତି ଆବଶ୍ୟକତା ନଥିଲେ ବାହାରକୁ ଯିବା ନାହିଁ, ଗହଳି ଠାରୁ ଦୂରେଇ ରହିବେ ଓ ବାହାର ରାଜ୍ୟରୁ ଆସୁଥିବା ପରିବାର ସଦସ୍ୟ, ବନ୍ଧୁବାନ୍ଧବ ସ୍ଥାନୀୟ ପ୍ରଶାସନ ସହିତ ଯୋଗାଯୋଗ କରି ସଂଗରୋଧରେ ରହିବାକୁ ସଂଗଠନ ପକ୍ଷରୁ ଲୋକମାନଙ୍କୁ ବୁଝାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ସଂଗଠନର ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ସଂଗଠନ ସଂପାଦକ ଅଭିମନ୍ୟୁ ମିଶ୍ର, ଯାଜପୁର ଟାଉନ ଭାରାପ୍ରାପ୍ତ ଥାନାଅଧିକାରୀ ମାନସ ରଞ୍ଜନ ଚକ୍ର ପ୍ରମୁଖଙ୍କ ନେତୃତ୍ୱରେ ସହର ପରିକ୍ରମା କରି ସଚେତନା କାର୍ଯ୍ୟକ୍ରମ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଇଚ୍ଛାମୟୀ ଧଳ, ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟ, ଉପସଭାପତି ସୁବାଷ ଦେବତା ରଜନୀ ସାହୁ, ନାଟ୍ୟ ନିଦେର୍ଦଶକ ପ୍ରଶନ୍ନ ବିଶ୍ୱାଳ, ଅନିଲ ଜେନା, ଉପେନ୍ଦ୍ର କୁମାର ଜେନା, ଧନଞ୍ଜୟ ନାୟକ, ମୁକୁନ୍ଦ ନାୟକ, ଭାବଗ୍ରାହୀ ମିଶ୍ର, ପ୍ରଭାତ ଦାସ, ସୁକାନ୍ତ ରାଉତ, ମମତା ଜେନା, ସ୍ୱାତୀ ପଣ୍ଡା, ସାଗରିକା ପରିଡା ଚିନ୍ମୟୀ ଦାସ, ଅନୀତା ମୁଦୁଲି, ସୁବାଷ ଦାସ, ଅଶ୍ୱରାୟ ସାହୁ, ବିଜୟ ମହାରଣା, ସାମ୍ବାଦିକ ସନ୍ତୋଷ ମିଶ୍ର, ଦିଲ୍ଲିପ ଦାସ, ଦେବାଶିଷ ସାହୁ, ଦିବ୍ୟଜ୍ୟୋତି ଦାସ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି ।

ଭୁବନେଶ୍ୱରରେ ଟେଷ୍ଟିଂ ଓ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ଦାବି କଲା ବିଜେପି

## କୋଭିଡ୍ ପରିସ୍ଥିତିରେ ବିଏମସି କମିଶନରଙ୍କୁ ରାଜଧାନୀବାସୀଙ୍କ ସମସ୍ୟା ଜଣାଇଲେ

ଭୁବନେଶ୍ୱର: ଭୁବନେଶ୍ୱରରେ କୋଭିଡ୍ ଚିକିତ୍ସା ପାଇଁ ଶଯ୍ୟା, ମେଡିସିନ, ଅକ୍ସିଜେନ ଅଭାବ କାରଣରୁ ପରିସ୍ଥିତି ସଂକଟାପନ୍ନ ହୋଇପଡିଛି । କୋଭିଡ୍ କାରଣରୁ ସୃଷ୍ଟି ହୋଇଥିବା ସାଂପ୍ରତିକ ପରିସ୍ଥିତିରେ ରାଜଧାନୀବାସୀଙ୍କ ମୌଳିକ ସମସ୍ୟା ସଂପର୍କରେ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ସୋମବାର ବିଏମସି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି ।

**ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ କରାଯାଉ**

ଶ୍ରୀ ସିଂ କହିଛନ୍ତି ଯେ ପ୍ରତିଦିନ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢି ଚାଲିଥିବାବେଳେ କୋଭିଡ୍ ପରିଚାଳନାରେ ଅନେକ ତ୍ରୁଟି ଓ ଅବହେଳା ସ୍ପଷ୍ଟ ପରିଲକ୍ଷିତ ହେଉଛି । ପ୍ରଥମତଃ କୋଭିଡ୍ ଟେଷ୍ଟ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି । ଦ୍ୱିତୀୟତଃ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଚିକିତ୍ସା ପାଇଁ ଡାକ୍ତରଖାନାଗୁଡିକରେ ଶଯ୍ୟାର ଅଭାବ, ଔଷଧର ଅଭାବ ସହ ଅକ୍ସିଜେନର ଅଭାବ ମଧ ପରିଲକ୍ଷିତ ହେଉଛି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି ।

ଭୁବନେଶ୍ୱର ଏକ ଜନଗହଳିପୂର୍ଣ୍ଣ ଅଂଚଳ ହୋଇଥିବାରୁ ବିଭିନ୍ନ ଅଂଚଳକୁ ନିୟମିତ ଭାବେ ସାନିଟାଇଜ କରାଯାଉ । ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କୋଭିଡ୍ ରୋଗୀଙ୍କ ସଂପର୍କରେ ପରିବାର ସଦସ୍ୟଙ୍କୁ ନିୟମିତ ଭାବେ ସ୍ୱାସ୍ଥ୍ୟ ସଂପର୍କରେ ଅବଗତ କରାଯାଉ । ଏକ ୨୪ ଘଂଟିଆ ଟୋଲ ଫ୍ରି ନମ୍ବର କାର୍ଯ୍ୟକ୍ଷମ କରାଯାଉ । ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ‘ଡୋର ଟୁ ଡୋର’ ସ୍ୱାସ୍ଥ୍ୟ ଯାଂଚ ତୁରନ୍ତ ଆରମ୍ଭ କରାଯାଉ । ସେହିପରି ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଭୁବନେଶ୍ୱରର ସମସ୍ତ ଅଂଚଳରେ ଥର୍ମାଲ ସ୍କ୍ରିନିଂ, ଅକ୍ସିଜେନ ମାତ୍ରା ଆଦି ଯାଂଚ କରିବା ସହ ସଚେତନତା ଅଭିଯାନକୁ ଆହୁରି ଅଧିକ ଦ୍ରୁତ ଗତିରେ କରିବାକୁ ଶ୍ରୀ ସିଂ ଦାବୀ କରିଛନ୍ତି ।

ଏହି ଟିମ୍ ରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ଅମ୍ଳଜାନ ଯୋଗାଣକୁ ନେଇ ବିଜେଡି - ବିଜେପି ମୁହାଁମୁହିଁ

### ରାଜ୍ୟ ସରକାର କେଉଁଠୁ ଅକ୍ସିଜେନ ପାଇଲେ ?: ବିଜେପି
### ଓଡିଶାର ପ୍ରଶଂସାରେ ବିଜେପି ଅସହିଷ୍ଣୁ: ବିଜେଡି

ଭୁବନେଶ୍ୱର: ଅକ୍ସିଜେନ ଉତ୍ପାଦନ ଲାଗି ରାଜ୍ୟ ସରକାରଙ୍କ କୌଣସି କାରଖାନା ବା ପ୍ଲାଂଟ ନାହିଁ । ତାହାହେଲେ ରାଜ୍ୟ ସରକାର କେଉଁଠୁ ଅକ୍ସିଜେନ ପାଇଲେ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ପ୍ରକୃତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନୁହେଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅକ୍ସିଜେନ୍ ଯୋଗାଣହେଉଛି ବୋଲି ସେ କହିଛନ୍ତି । ଅପରପକ୍ଷରେ ଓଡିଶାର ପ୍ରଶଂସାରେ ଅସହିଷ୍ଣୁ ହୋଇ ବିଜେପି ଏଭଳି ମନ୍ତବ୍ୟ ଦେଉଛି ବୋଲି ଜବାବ୍ ଦେଇଛି ବିଜେଡି ।

ବର୍ତ୍ତମାନ ସାରା ଦେଶରେ ଅମ୍ଳଜାନ ଅଭାବକୁ ନେଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଅମ୍ଳଜାନ ଆବଶ୍ୟକ କରୁଥିବା ରାଜ୍ୟ ଗୁଡିକୁ ଓଡିଶା ଅମ୍ଳଜାନ ଯୋଗାଉଛି । ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେଡି- ବିଜେପି ।

ସୋମବାର ଦିନ ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି ଯେ ଅକ୍ସିଜେନ ଉତ୍ପାଦନ ଲାଗି ରାଜ୍ୟ ସରକାରଙ୍କ କୌଣସି କାରଖାନା ବା ପ୍ଲାଂଟ ନାହିଁ । ତାହାହେଲେ ରାଜ୍ୟ ସରକାର କେଉଁଠୁ ଅକ୍ସିଜେନ ପାଇଲେ ? ଯଦି କିଣିଲେ, ତାହାହେଲେ କେଉଁଠୁ କେତେ ପଇସାରେ କିଣିଲେ ଅକ୍ସିଜେନ ? ତାହା ଉପରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ । ସାଧାରଣତଃ କେନ୍ଦ୍ର ଓ ବିଭିନ୍ନ ଘରୋଇ ଇସ୍ପାତ କାରଖାନାରୁ ଉତ୍ପାଦିତ ହୋଇଥାଏ ଅକ୍ସିଜେନ । ଅସଲ କଥା ହେଲେ ଓଡ଼ିଶା ସରକାର କାହାରିକୁ ଅକ୍ସିଜେନ୍ ଦେଉନାହାନ୍ତି । ଅକ୍ସିଜେନ୍ ଅଭାବ ପୂରଣ କରିବା ପାଇଁ ୪ ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳ୍ପ ସଂସ୍ଥା ଗୁଡ଼ିକୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ଶିଳ୍ପ ସଂସ୍ଥାଅକ୍ସିଜେନ ଯୋଗାଉଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବ୍ୟବସ୍ଥା ହୋଇଛି । ଅକ୍ସିଜେନ ଯୋଗାଣ ନିୟନ୍ତ୍ରଣ ପିଏମଓରୁ ହେଉଛି , ସିଏମଓରୁ ନୁହେଁ । ରାଜ୍ୟ ସରକାରଙ୍କ ଦାୟିତ୍ୱ କେବଳ ଅକ୍ସିଜେନ୍‌କୁ ସୀମାନ୍ତରେ ପହଂଚାଇବା ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଜବାବ୍ ଦେଇ ପ୍ରବକ୍ତା ସୁଶ୍ରୀ ଇପ୍ସିତା ସାହୁ କହିଛନ୍ତି ସାରା ଭାରତବର୍ଷକୁ ତରଳ ମେଡିକାଲ ଅକ୍ସିଜେନ ଯୋଗାଇ ଲୋକଙ୍କ ଜୀବନ ରକ୍ଷା କରୁଥିବା ଓଡିଶାକୁ ପ୍ରଶଂସାର ସୁଅ ଛୁଟୁଥିବାବେଳେ ରାଜ୍ୟ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ତାହାକୁ ସହ୍ୟ କରିପାରୁ ନାହାନ୍ତି । ଓଡିଶାର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ବଦଳରେ ସେ ଅଭ୍ୟାସଗତ ଭାବେ ବିଭ୍ରାନ୍ତିକର ଓ ନିମ୍ନମାନର ମନ୍ତବ୍ୟ ଦେବା ସହିତ ଅସହିଷ୍ଣୁ ମନୋଭାବ ଦେଖାଉଛନ୍ତି । ରାଜ୍ୟର ଏଭଳି ସହଯୋଗ ପାଇଁ ସେହିସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଓଡିଶାକୁ ଭୁରି ଭୁରି ପ୍ରଶଂସା କରୁଛନ୍ତି । ତେବେ ଏଭଳି ପ୍ରଶଂସାକୁ ଏବେ ରାଜ୍ୟ ବିଜେପି ହଜମ କରିପାରୁ ନାହିଁ ।

## ଗରମ ସହି ନ ପାରି ଗଛରୁ ତଳକୁ ଖସି ଜୀବନ ହରାଇଲେଣି ଶତାଧିକ ବାଦୁଡ଼ି

ବାରିପଦା: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳି ଗାନ୍ଧୀପାର୍କ ଓ ପାର୍କକୁ ଲାଗିଥିବା ବଡ଼ ପୋଖରୀ ଆଡ଼ି ସହ ଅଷ୍ଟଲିଙ୍ଗେଶ୍ୱର ପକ୍ଷୀ ବିହାର ଭିତରେ ରହିଥିବା ଗଛଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିଥାନ୍ତି । ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବୃଦ୍ଧି ଘଟିଲେ ଏହି ବାଦୁଡ଼ିମାନେ ଗରମକୁ ସହି ନ ପାରି ଗଛରୁ ପାଚିଲା ଫଳ ଭଳି ତଳକୁ ଖସି ପଡ଼ନ୍ତି । ଏହି ସମୟରେ ତଳକୁ ଖସିପଡ଼ିଥିବା ବାଦୁଡ଼ିମାନଙ୍କୁ ପାଣି ପିଆଇ ସୁସ୍ଥ କରାଇବା ବଦଳରେ କେତେକ ହିଂସ୍ର ମଣିଷ ଏମାନଙ୍କୁ ନେଇ ତାର ମାଂସକୁ କାଟି ଖାଉଥିବା ବେଳେ ଅନ୍ୟ କେତେକ ପ୍ରତି କିଲୋଗ୍ରାମ ପିଛା ଏକ ହଜାରୁ ଟଙ୍କାରୁ ଆରମ୍ଭ କରି ୨/୩ ହଜାର ଟଙ୍କାରେ ଏମାନଙ୍କ ମାଂସକୁ ବିକ୍ରି କରିଥାନ୍ତି । ବାଦୁଡ଼ିମାନଙ୍କର ଏହି ପ୍ରକାରର ଦୁରାବସ୍ଥାକୁ ଦେଖି ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ବନଖଣ୍ଡ ଅଧିକାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ବାଦୁଡ଼ିମାନେ ବସବାସ କରୁଥିବା ଗଛଗୁଡ଼ିକରେ ପାଣି ସ୍ପ୍ରେ କରାଇଥାନ୍ତି ଏବଂ ଏହି ପାଣି ସ୍ପ୍ରେ ବାଦୁଡ଼ିମାନଙ୍କ ଜୀବନକୁ ସୁରକ୍ଷିତ କରାଇ ଦେଇଥାଏ । ମାତ୍ର ୨୦୧୯ରେ ପୌରପରିଷଦର ବୋର୍ଡ଼ ଭାଙ୍ଗିଯିବା ପରେ ବାଦୁଡ଼ିମାନଙ୍କ ଉପରେ ପାଣି ସ୍ପ୍ରେ କରାଯିବା କାର୍ଯ୍ୟ ବନ୍ଦ ହୋଇଗଲା । ଏହି ସମୟରେ ଚଳିତ ବର୍ଷ ବାରିପଦା ସହର ଓଡ଼ିଶାର ଉତ୍ତପ୍ତ ସହରରେ ପରିଣତ ହୋଇ ସାରିଥିବା ବେଳେ ବାଦୁଡ଼ିମାନଙ୍କ ସୁରକ୍ଷା ନିମନ୍ତେ କାହାରି ଆନ୍ତରିକତା ନଥିବାରୁ ଶହ ଶହ ସଂଖ୍ୟାରେ ବାଦୁଡ଼ି ତଳକୁ ଖସି ଜୀବନ ହରାଉଛନ୍ତି । ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ରିସିଭ୍ କରିନଥିଲେ ।

## ବରିଷ୍ଠ ଫଟୋ ସାମ୍ବାଦିକ ବିଜୁ ପଟ୍ଟନାୟକଙ୍କ ପରଲୋକ



ସମ୍ବଲପୁର: ରାଜ୍ୟରେ କରୋନାରେ ଆକ୍ରାନ୍ତ ହୋଇ ପୁଣି ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି ଓ ସମ୍ବଲପୁର ଜିଲ୍ଲାର ବରିଷ୍ଠ ଫଟୋ ସାମ୍ବାଦିକ ବିଜୁ ପଟ୍ଟନାୟକଙ୍କ ଆଜି ଦିବା ୧୧ ଘଟିକା ସମୟରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୬ ବର୍ଷ ବୟସ ହେଉଥିଲା । ସେ ଦୀର୍ଘ ସମୟ ଧରି କୋଭିଡ଼ରେ ଆକ୍ରାନ୍ତ ହୋଇଥିଲେ । କୋଭିଡ଼ରେ ଆକ୍ରାନ୍ତ ହେବା ପରେ ତାଙ୍କ ଶରୀରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଇ ଥିଲା ଓ କରୋନା ଆକ୍ରାନ୍ତ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ ବିଜୁ ଓ ତେବେ ଚିକିତ୍ସା ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ଘଟି ନ ଥିଲା । ଶେଷରେ ତାଙ୍କର ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳି ଯାଇଛି ଓ ସରକାରଙ୍କ ତରଫ ରୁ କରୋନା ଯୋଦ୍ଧା ସହାୟତା ରାଶି ତାଙ୍କ ପରିବାରକୁ ଯୋଗାଇ ଦେବାକୁ ସାମ୍ବାଦିକମାନେ ଦାବି କରିଛନ୍ତି ଓ ଅନ୍ୟ ପକ୍ଷରେ କରୋନା ଯୋଦ୍ଧା ବରିଷ୍ଠ ଫଟୋ ସାମ୍ବାଦିକ ବିଜୁ ପଟ୍ଟନାୟକଙ୍କ ପରଲୋକ ଖବର ପାଇ ବରଗଡ ସାଂସଦ ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ଡ଼ା. ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ଡ଼. ପ୍ରମୋଦ ରଥ, ପ୍ରେସ କ୍ଲବ ସାଧାରଣ ସମ୍ପାଦକ ଭବାନୀ ଭୋଇ, ଓଡିଶା ସାମ୍ବାଦିକ ସଂଘ ସମ୍ବଲପୁର ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ସରୋଜ ସାହୁ, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ରାଜାରାମ ପାଢ଼ୀ, କିଶୋର ସାହୁ, ସୁଧାଂଶୁ ଶେଖର ମହାରଣା, ବ୍ୟୋମ କେଶ ପଣ୍ଡା, ସୁକାନ୍ତ କର, ଲଳିତ ଶର୍ମା, ବିଜେପି ନେତା ସୂର୍ଯ୍ୟ ପାଣିଗ୍ରାହୀ ତଥା ବହୁ ଗଣ୍ୟ ମାନ୍ୟ ବ୍ୟକ୍ତି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ବରିଷ୍ଠ ଫଟୋ ସାମ୍ବାଦିକ ବିଜୁ ପଟ୍ଟନାୟକଙ୍କ ପରଲୋକରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀଙ୍କ ଶୋକ



ସମ୍ବଲପୁର: ବରିଷ୍ଠ ଫଟୋ ସାମ୍ବାଦିକ ବିଜୁ ପଟ୍ଟନାୟକଙ୍କ ପରଲୋକରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ବିଜୁ ପଟ୍ଟନାୟକ ଜଣେ ଭଦ୍ର, ମେଳାପୀ, ନିଷ୍ଠାବାନ, ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ ବୋଲି ଡା. ରାସେଶ୍ୱରୀ ପାଣିଗ୍ରାହୀ ତାଙ୍କ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଡା. ପାଣିଗ୍ରାହୀ ଆଜି ସାକ୍ଷୀପଡ଼ା ସ୍ଥିତ ବାସଭବନରେ ପହଂଚି ତାଙ୍କ ଶେଷ ଦର୍ଶନ କରିଥିଲେ ଏବଂ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

**ଭୁବନେଶ୍ୱର:** ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ୬୮୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୨୬,୯୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

**ଭୁବନେଶ୍ୱର:** କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୪ [redacted] କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ [redacted] ୩୭୭ ଜଣଙ୍କ ଠାରୁ ଜୋରିମାନା ଆଦାୟ [redacted] ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ [redacted] ଠାରୁ ଜୋରିମାନା ଆଦାୟ କରା ଯାଇଛି । [redacted] ଦେଇଛନ୍ତି ।

## ୧୫ ଫୁଟ ଲମ୍ବର [redacted]

ବର୍ଷା ଜଳ ନିଷ୍କାସନ ନେଇ ଗଣ୍ଡଗୋଳ ଘଟଣାରେ ଜଣେ ଯୁବକ ଚିକିତ୍ସ [redacted]

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠା [redacted] ପୂରଣ ଦାବିରେ ଫାଣ୍ଡି ଆଗରେ ଶବ ର [redacted]

ଧର୍ମଶାଳା: ଗୁରୁବାର ଦିନ ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତର ୧୨ ନଂ ୱାର୍ଡରେ ବର୍ଷା ଜଳ ନିଷ୍କାସନ ନେଇ ଉଭୟ ପକ୍ଷରୁ ଗଣ୍ଡଗୋଳ ସୃଷ୍ଟି ହୋଇ ୬ ଜଣ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ମୃତ ଯୁବକ ଜଣକ ହେଲେ ଏହି ୧୨ ନଂ ୱାର୍ଡର ଗଣେଶ୍ୱର ସେଠୀଙ୍କ ପୁଅ ଅମର(୩୬) ବୋଲି ଜଣାପଡିଛି । ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତରିତ କରାଯାଇଥିଲା । ଆଜି ଅପରାହ୍ନରେ ତାଙ୍କ ଶବ ବ୍ରହ୍ମବରଦାରେ ପଂହଚିବା ପରେ ପରିବାର ଲୋକଙ୍କ ସହ ଏହି ୱାର୍ଡର ଶତାଧିକ ମହିଳା ଓ ପୁରୁଷମାନେ ବ୍ରହ୍ମବରଦା ଫାଣ୍ଡି ଆଗରେ ଶବ ରଖି ଧାରଣାରେ ବସିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ବିଧବା ପରିବାରକୁ କ୍ଷତି ପୁରଣ ନିମନ୍ତେ ଦାବି କରିଥିଲେ । ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ଘଟଣାସ୍ଥଳରେ ପଂହଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟାନୁଷ୍ଠାନ ନେବା ସହ ସରକାରୀ ନିୟମ ଅନୁଯାୟୀ ସହାୟତା ନେଇ ଆଲୋଚନା କରିବା ପରେ ଧାରଣାକାରୀ ଧାରଣାରୁ ଉଠିଥିଲେ । ଏବଂ ସନ୍ଧ୍ୟାରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଥିବା ଜଣାପଡିଛି । ମୃତ ଅମରଙ୍କର ୨ ପୁଅ ଥିବା ଜଣାପଡିଛି । ମୃତ ଅମର ରାଜମନ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ । ପୂର୍ବରୁ ଏହି ଘଟଣାରେ ଧର୍ମଶାଳା ଥାନାରେ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇ ମୋଟ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।

ସୂଚନା ଥାଉକି ଗୁରୁବାର ଦିନ ସକାଳେ କାଳବୈଶାଖୀର ପ୍ରଭାବରେ ବର୍ଷା ହୋଇଥିଲା । ଫଳରେ ଏହି ୱାର୍ଡର କାଳନ୍ଦୀ ସେଠୀଙ୍କ ଛାତ ଉପରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସିତ ସମୟରେ ଏହି ୱାର୍ଡର ହାଡିବନ୍ଧୁ ସେଠୀଙ୍କ ଘର ଦେଇ ପାଣି ଯାଉଥିଲା । ଯାହାକୁ ନେଇ ହାଡିବନ୍ଧୁଙ୍କ ପରିବାର ବିରୋଧ କରିଥିଲେ । ଏବଂ ଏହି ଘଟଣାକୁ ନେଇ ହାଡିବନ୍ଧୁଙ୍କ ପରିବାର ବ୍ରହ୍ମବରଦା ଅଂଚଳର ଭଦ୍ରଲୋକଙ୍କ ସହ ଆଲୋଚନା [redacted]




# ଭୁବନେଶ୍ୱରରୁ ଆଉ ୮୫୧ ପଜିଟିଭ୍

ଭୁବନେଶ୍ୱର: ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗୁରୁବାର ଆଉ ୮୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ୯୮ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୭୫୫ ଲୋକାଲ୍ କେସ ରହିଛନ୍ତି। ଏହାଛଡ଼ା ଆଜି ୪୨୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ଆଜି ଚିହ୍ନଟ ହୋଇଥିବା ୭୫୫ ଲୋକାଲ୍ କେସ ଭିତରୁ ପଟିଆରୁ ସର୍ବାଧିକ ୬୧ , ନୟାପଲ୍ଲୀରୁ ୫୮ , ଖଣ୍ଡଗିରିରୁ ୪୬ , ଓଲ୍ଡ ଟାଉନ୍ ରୁ ୩୭ , ଲକ୍ଷ୍ମୀସାଗରରୁ ୩୪ ,ଚନ୍ଦ୍ରଶେଖରପୁରରୁ ୩୨ , ପୋଖରୀପୁଟରୁ ୨୧, ଝାରପଡାରୁ ୨୦ , ମଂଚେଶ୍ୱର , ବମିଖାଲଓ ବିଜେବି ନଗରରୁ ୧୯ ଜଣ ଲେଖାଏ ଆକ୍ରାନ୍ତ ରହିଛନ୍ତି। ସେହିପରି ଡେଲ୍‌ଟା କଲୋନୀରୁ ୫, ହଂସପାଳରୁ ୩, ନାଗେଶ୍ୱର ଟାଙ୍ଗିରୁ ୪, ନହରକଂଟାରୁ ୧୨, ଜୟଦେବ ବିହାରରୁ ୧୫, ମଧୁସୂଦନ ନଗରରୁ ୨, ମୈତ୍ରୀ ବିହାରରୁ ୫, ଲିଙ୍ଗିପୁରରୁ ୩, ଆଇଗିଣିଆରୁ ୪, ଗଙ୍ଗୋତ୍ରୀ ନଗରରୁ ୨, ଆଇଆରସି ଭିଲେଜରୁ ୮, ଜାଗମରାରୁ ୧୬, ଘାଟିକିଆରୁ ୪, ଜୟଦୁର୍ଗା ନଗରରୁ ୪, ଝାରପଡ଼ାରୁ ୨୦, କଳାରାହାଙ୍ଗରୁ ୩, କଳିଙ୍ଗନଗରରୁ ୫, କଳିଙ୍ଗ ନଗରରୁ ୯, କଳ୍ପନାରୁ ୭, ଫରେଷ୍ଟ ପାର୍କ ଏରିଆରୁ ୬, ଗାଡ଼କଣରୁ ୬, ଗଜପତି ନଗରରୁ ୩, ଡୁମ୍‌ଡୁମାରୁ ୧୩, ୭ମ ବାଟାଲିୟନ୍‌ରୁ ୩, ବୁଦ୍ଧ ନଗରରୁ ୨, ଚିନ୍ତାମଣୀଶ୍ୱରରୁ ୭, ଚକେଇଶିଆଣୀରୁ ୬, ଭୀମଟାଙ୍ଗିରୁ ୫, ଭୀମପୁରରୁ ୩, ବାପୁଜୀ ନଗରରୁ ୭, ବରମୁଣ୍ଡାରୁ ୧୪, ବଶିଷ୍ଟ ନଗରରୁ ୨, ଆଚାର୍ଯ୍ୟ ବିହାରରୁ ୨, ଅଶୋକ ନଗରରୁ ୨ ଓ ବଡ଼ଗଡ଼ରୁ ୪ ଜଣ ଲେଖାଏଁ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି। ସେହିପରି ନୀଳାଦ୍ରି ବିହାରରୁ ୧୫, ପାତ୍ରପଡ଼ାରୁ ୬, ସହିଦ ନଗରରୁ ୫, ୟୁନିଟ୍-୪ରୁ ୬, ୟୁନିଟ୍-୬ରୁ ୧୨, ୟୁନିଟ୍-୮ରୁ ୧୧, ୟୁନିଟ୍-୯ରୁ ୧୨ ସୌଭାଗ୍ୟ ନଗରରୁ ୩, ସୁନ୍ଦରପଦାରୁ ୬, ସୂର୍ଯ୍ୟନଗରରୁ ୨, ଟଙ୍କପାଣି ରୋଡ୍ ରୁ ୮, ୟୁନିଟ୍ -୩ରୁ ୮, ଶିରିପୁରରୁ ୬, ସାମନ୍ତବିହାରରୁ ୨, ଶାସ୍ତ୍ରୀ ନଗରରୁ ୭, ସତ୍ୟ ନଗରରୁ ୫, ସତ୍ୟ ବିହାରରୁ ୨, ସାମନ୍ତରାପୁରରୁ ୮, ଶୈଳଶ୍ରୀ ବିହାରରୁ ୪, ଭିଏସ୍ଏସ୍ ନଗରରୁ ୨, ରଙ୍ଗମାଟିଆରୁ ୨, ରସୁଲ୍ ଗଡ଼ରୁ ୮, ପାଇକନଗରରୁ ୫, ପାଣ୍ଡରାରୁ ୫, ପୋଖରୀପୁଟରୁ ୨୧, ପଳାଶପଲ୍ଲୀରୁ ୩, ପଳାଶୁଣୀରୁ ୮ ଜଣ ଲେଖାଏ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୩୨୯୬ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୩୬୧୦୩କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୬୯୧୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୫୯ ରହିଛି।

# ଭଦ୍ରକରୁ ୨ ଦିନରେ ଚିହ୍ନଟ ହେଲେ ୩୪୬, ଜଣେ ମୃତ : ସକ୍ରିୟ ଆକ୍ରାନ୍ତ ୯୮୩

ଭଦ୍ରକ: ଗତ ୨ ଦିନରେ ଭଦ୍ରକ ଜିଲ୍ଲାରେ ମୋଟ ୩୪୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇ ୯ ହଜାର ୧୫୨। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇଛନ୍ତି ୮ହଜାର ୧୪୦। ଏବେ ସକ୍ରିୟ ଅଛନ୍ତି ୯୮୩ ଜଣ। ୨ ଦିନରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ କିମ୍‌ସ ହସ୍‌ପିଟାଲରେ ୨ଜଣ, ଏସ୍‌ସିବିରେ ୫ଜଣ ଏବଂ ଆପୋଲୋରେ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକର ଅର୍ଣ୍ଣପାଳ, ବନ୍ଧଗାଁ, କୋଡବରୁଆଁ, ବହୁଦରଡ଼ା, ବିଷ୍ଣୁପୁରବିନ୍ଧା, ଡଗରାସାହି, ଗେଲପୁର, ଏରେଇଁ, ଗୁଜିଦରଡା, କାଉପୁର, ରାହାଞ୍ଜା, ରାନ୍ଦିଆ, ସାହାଡ଼ା, କୋରକୋରା, ହରିପୁର, କଲେଇ, ଓଲଙ୍ଗ, ସାବରଙ୍ଗ ଗ୍ରାମରୁ ମୋଟ ୫୫ଜଣ। ଧାମନଗର ବ୍ଲକର ଅର୍ଜୁନପୁର, ବିନ୍ଧା, ଧୁଷୁରୀ, କଳେଇପଦା, ନଦୀଗାଁ, ନାରାୟଣପୁର, ଭଗବାନପୁର, ଦୋବଲ, କଟସାହି, ଦକ୍ଷିଣ କୋରୁଆ, କାଠମୁଣ୍ଡା,ପିତେଇପୁର ଗ୍ରାମରୁ ୧୭ଜଣ। ବାସୁଦେବପୁର ପୌରପାଳିକାର ୪ନଂ, ୧୧ନଂ, ୧୫ନଂ ଓ ୭ନଂ ୱାର୍ଡରୁ ୭ଜଣ, ଭଦ୍ରକ ପୌରପାଳିକାର ୧୭, ୯,୧୦, ୧୫, ୧୧, ୭, ୬,୧, ୩, ୫, ୧୨, ୧୩, ୧୫, ୨୬, ୩୦ ନଂ ୱାର୍ଡରୁ ୪୩ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଚାନ୍ଦବାଲି ଏନ୍ଏସିର ୧୦ ନଂ ଓ ୧୧ ନଂ ଓ ୪ ନଂ ୱାର୍ଡରୁ ୫ଜଣ, ବାସୁଦେବପୁର ବ୍ଲକର ବିଦେଇପୁର, ଗୋବିନ୍ଦପୁର, ବିନାୟକପୁର, ବ୍ରାହ୍ମଣୀଗାଁ, ରାଜଘରପୋଖରୀ, ଚୁଡାମଣି, ଇରମ. ଏଡତାଳ, ଗୁଆଗଡ଼ିଆ, କିସ୍ମତକୃଷ୍ଣପୁର, ଉହାଡ଼, ନରସିଂହପୁର, ପଦୁଆଁ, ଗୁଆଗାଁ, ସୁଦର୍ଶନପୁର, ସୁଗୋ, କ□ସାହି,କୁମାରପୁର, ଲୁଙ୍ଗା, ନରସିଂହପୁର, ପଦ୍ମପୁର, ଅଡୁଆଁରୁ ୫୯ଜଣ। ଚାନ୍ଦବାଲି ବ୍ଲକର ଭୁଇଁବ୍ର□, ଘ□ଶ୍ୱର, ହେଙ୍ଗୁପତି, ଧାମରା, ବାଲିପାଟଣା, ମତୋ, ମଉସୁଧା, ଜନ୍ତୁଆଳି, ବିରିଆଡିଆ, ଚଡଦିଆ, ମଧୁପୁର, ବାଂଶଡା ଗ୍ରାମରୁ ୨୦ଜଣ, ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ, ଦକ୍ଷିଣବାଡ, କୁରିଗାଁ, ସାତଶୋଳା, ନିର୍ଗୁଣ୍ଡି, ବେଲଗଡ଼ିଆ, ରାଜେନ୍ଦ୍ରପୁର, ସୁନି, ଓଲା, ସରସଦା, ମହୁଲିସାହି, ଗୁଣ୍ଡୁପୁରୁ, ନୂଆଗାଁ, ମିଟୁଆଣି, ଛତାବର, ପୁରୁଷୋ□ମପୁର, ବଡ଼ବନସ୍ତା ଗ୍ରାମରୁ ୩୯ଜଣ। ବନ୍ତ ବ୍ଲକର ଅଣିଜୋ, ଆଡିଆ, ଆପତୀରା, ହରିପର, ଚାରିଗାଁ, ଗୋପିନାଥପୁର, କାଦବରାଙ୍ଗ, ଆମ୍ଭୋର, ରାମପୁର, ତୁଣ୍ଡା, ଏରେଣ୍ଡି, ଟିଲୋ, ବି.ଟି.ପୁର, ଚକ୍ରାପାଢ଼ି, ଗୋବିନ୍ଦପୁର, କେନ୍ଦୁଆପଦା, ନୂଆପୋଖରୀ, ରାମଚନ୍ଦ୍ରପୁର, ରାମକୃଷ୍ଣପୁର, ତୋଡଗାଁ ଗ୍ରାମର ମୋଟ ୩୮ଜଣ ଚିହ୍ନଟ ହୋଇଛନ୍ତି।

# ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ନଷ୍ଟ ପଥରେ

କେନ୍ଦୁଝର: କେନ୍ଦୁଝରଗଡ ପୌରା□ଳର ରାସ୍ତା ପ୍ରଶସ୍ତିକରଣ ପରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ୨୦୧୭ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଡ ଏନ ତିରୁମାଲ୍ଲା ନାୟକଙ୍କ ପ୍ରଚେଷ୍ଟାରେ ସିରାଜୁଦ୍ଦିନ ଖଣି କମ୍ପାନୀ ସହାୟତାରେ ଗାନ୍ଧୀ ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟ' ରାସ୍ତାରେ ମଝିରେ ଥିବା ଡିଭାଇଡର ମଝିରେ ତାର ଜାଲି ମଧ୍ୟରେ ୧୭୦ ଟି ମୂଲ୍ୟବାନ ରୟାଲ ପାମ ଗଛ ଲଗାଯିବା ସହ ମିନି ଟଗର,କାମିନୀ,ଏକଜରା ଗଛ ଲଗାଯାଇଥିଲା। କମ୍ପାନୀର ସିଏସ୍ଆର ରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୭ ଆରମ୍ଭ ହୋଇଥିବା ବୃକ୍ଷରୋପଣ ୨୦୧୮ ମସିହାରେ ଶେଷ ହୋଇଥିଲା। ବୃକ୍ଷରୋପଣ ପରେ ଖଣି କମ୍ପାନୀ ପକ୍ଷରୁ ଟ୍ୟାଙ୍କର ସହାୟତାରେ ୨ ବର୍ଷ ଧରି ପାଣି ଦିଆଯାଇଥିଲା। ପରେ ପୌରପାଳିକା ପକ୍ଷରୁ ପାଣି ଦିଆଯାଉଥିଲା। ଚଳନ୍ତ ବର୍ଷ ଖରା ଦିନରେ ନିୟମିତ ପାଣି ଦିଆନଯିବା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବହୁ ମୂଲ୍ୟବାନ ରୟାଲ ପାମ ଗଛ ଶୁଖି ନଷ୍ଟ ହୋଇ ରାସ୍ତା ଆଡକୁ ଢଳିଗଲାଣି। ଗଛ ଗୁଡିକ ଭାଙ୍ଗି ରାସ୍ତାର ଉଭୟ ପାର୍ଶ୍ୱରେ ଢଳି ରହିଥିଲେ ହେଁ ପୌର ପ୍ରଶାସନର ନଜର ନପଡିବା ଦୂର୍ଭାଗ୍ୟଜନକ। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ରୟାଲ ପାମ ଗଛ ଗୋଟିଏ ପରେ ଗୋଟିଏ ନଷ୍ଟ ହେଉଥିବାବେଳେ ପୌରାପଳିକା ପକ୍ଷରୁ ନିୟମିତ ପାଣି ଦିଆଯିବା, ଗଛ ମୂଳକୁ ସଫା କରିବା ଆଦି କାର୍ଯ୍ୟ କରା ନଗଲେ ଆଗାମି ଦିନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଯୋଜନା ପାଣିରେ ପଡିବ।

# ଡ଼କାୟତି ବେଳେ ବିଦେଶୀ ମାଉଜର ଓ ଜୀବନ୍ତ ଗୁଳି ଜବତ : ଜଣେ ଗିରଫ

କନ୍ଧମାଳ: ଫୁଲବାଣୀ ଏଫସିଆଇ ଛକଠାରେ ଶନିବାର ରାତିରେ ଦୁତିମେଣ୍ଡିରୁ ଆସୁଥିବା ଜଣେ ହୋମଗାର୍ଡଙ୍କୁ ମାଉଜର ଦେଖାଇ ଡକାୟତି କରିବାକୁ ଉଦ୍ୟମ କରୁଥିବାବେଳେ ଫୁଲବାଣୀ ଆଦର୍ଶ ଥାନା ପୋଲିସ ହାତରେ ଧରା ପଡିଛି ଜଣେ ଯୁବକ। ତେବେ ସୁଯୋଗ ପାଇ ତାର ଆଉ ଜଣେ ସହଯୋଗୀ ସେଠାରୁ ଫେରାର ହେବାରେ ସଫଳ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ୯ଟା ବେଳେ ଦୁତିମେଣ୍ଡିର ଜଣେ ହୋମଗାର୍ଡ ବାଇକ୍ ଯୋଗେ ଫୁଲବାଣୀ ଆସୁଥିବା ବେଳେ ତାଙ୍କୁ ସ୍ଥାନୀୟ ଏଫସିଆଇ ଛକଠାରେ ଦୁଇଜଣ ଯୁବକ ମାଉଜର ଦେଖାଇ ଡ଼କାୟତି କରିବାକୁ ଉଦ୍ୟମ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଂଚି ସେମାନଙ୍କ ମଧ୍ୟରୁ ଜଣକୁ କାବୁ କରିଛନ୍ତି। ସେଠାରୁ ଅନ୍ୟ ଜଣେ ଖସି ପଳାଇବାରେ ସଫଳ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତ ଫୁଲବାଣୀ ଶଗଡିଆ ସାହିର କାହ୍ନୁଚରଣ ନାୟକ ବୋଲି ଜଣାପଡିଛି। ପୋଲିସ ତା ନିକଟରୁ ଗୋଟିଏ ବିଦେଶୀ ମାଉଜର, ୫ଟି ଜୀବନ୍ତ ଗୁଳି ଏବଂ ଗୋଟିଏ ମାଗାଜିନ ଜବତ କରିଛି। ଫୁଲବାଣୀ ଟାଉନ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ୭୦/୨୧ ରୁଜୁ କରିବା ସହିତ ଅଭିଯୁକ୍ତକୁ କୋର୍ଟଚାଲାଣ କରି ଘଟଣାର ତଦନ୍ତ କରୁଥିବା ସହିତ ଫେରାର୍ ଅଭିଯୁକ୍ତକୁ ମଧ୍ୟ ଖୋଜାଖୋଜି କରୁଥିବା ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ସେମାନେ ସେହି ଛକରେ ଯାଉଥିବା ଯାତ୍ରୀ ମାନଙ୍କୁ ଅଟକାଇ ମାଉଜର ଦେଖାଇ ଲୋକଙ୍କୁ ଲୁଟ କରୁଥିବା ପୋଲିସ ଜାଣିବାକୁ ପାଇଛି।

# ମଇ ୧ରୁ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ହେଲା

ବାରିପଦା: ଫେରିଛି କରୋନା ମହାମାରୀର ଦ୍ୱିତୀୟ ଲହର। ଟ୍ରିପଲ ମ୍ୟୁଟାଂଟ ଷ୍ଟ୍ରେନ୍ ଘାତକ ରୂପ ଧାରଣ କରିଛି ଓ ଏହାର ପ୍ରଭାବରେ ଛଟପଟ ହେବାରେ ଲାଗିଛନ୍ତି ଜନସାଧାରଣ। ବିଶ୍ୱ ମହାମାରୀ କରୋନା ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ସାଧାରଣତଃ ବର୍ଷା ଋତୁକୁ ଦୃଷ୍ଟିରେ ରଖାଯାଇ ପ୍ରତିବର୍ଷ ଜୁନ ୧୬ ତାରିଖଠାରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ରଖାଯାଇଥାଏ। ଏହି ସମୟ ମଧ୍ୟରେ କୌଣସି ପର୍ଯ୍ୟଟକଙ୍କୁ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ନିମନ୍ତେ ଅନୁମତି ମିଳିନଥାଏ। କିନ୍ତୁ , ଚଳିତ ବର୍ଷ କରୋନା ମହାମାରୀ କାରଣରୁ ମେ ୧ରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ରଖାଗଲା ଏବଂ ପୁଣି ଥରେ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ନିମନ୍ତେ କେବେ ଖୋଲା ଯିବ ସେ ସମ୍ପର୍କରେ ନୋଟିଫିକେସନ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇ ଦିଆଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ବିଭାଗର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଂଚଳିକ ବନ ମୁଖ୍ୟ ସଂରକ୍ଷକ ଯୁଗ ଦୟାନନ୍ଦଙ୍କ ସୂତ୍ରରୁ ସୂଚନା ମିଳିଛି।

# ମେ ୪ ଯାଏଁ କାଳବୈଶାଖୀ ସମ୍ଭାବନା , ୨୪ ଘଂଟା ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର : ରାଜ୍ୟର ଦକ୍ଷିଣ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଆସନ୍ତା ୨୪ ଘଂଟା ମଧ୍ୟରେ କାଳବୈଶାଖୀ ଜନିତ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଗୁରୁବାର ଅପରାହ୍ନ ୧ଟା ୩୦ଘଂଟାରୁ ଆସନ୍ତାକାଲି (ଶୁକ୍ରବାର) ସକାଳ ୮ଟା୩୦ ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ପ୍ରଭୃତି ୮ଟି ଜିଲ୍ଲାର ଅନେକ ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୮ଜିଲ୍ଲାକ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।ସେହିପରି ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଧିକ ରହିଛି ବୋଲି ଜାରି ସତର୍କ ସୂଚନାରେ କହିଛି ପାଣିପାଗ କେନ୍ଦ୍ର। କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇପାରେ। ସେହିପରି ୩୦ରୁ ୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲା କୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମେ ୧ ତାରିଖରୁ ୨ ତାରିଖ ମଧ୍ୟରେ ଦେବଗଡ, କେନ୍ଦୁଝର, ମୟୁରଭଂଜ, ମାଲକାନଗିରି, କୋରାପୁଟ ,ରାୟଗଡା, ଗଜପତି ଓ କନ୍ଧମାଳ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଥିବାରୁ ୟେଲେଶ ୱାର୍ଣ୍ଣ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ମଧ୍ୟ ବହିପାରେ। ଏହା ବ୍ୟତୀତ ୨ ରୁ ୩ ତାରିଖ ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ଯାଜପୁର , କନ୍ଧମାଳ , ଗଜପତି . ମାଲକାନଗିରି, କୋରାପୁଟ, ରାୟଗଡା, ନୟାଗଡ, ଦେବଗଡ, ବାଲେଶ୍ୱର , ଭଦ୍ରକ, ଅନୁଗୁଳ , ଢେଙ୍କାନାଳ ଓ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବଳ ବେଗରେ ପବନ ବହିବା ସହ ବଜ୍ରପାତ ସମ୍ଭାବନା ରହିଛି। ୩ରୁ ୪ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଜପତି, ଗଂଜାମ, ଖୋର୍ଦ୍ଧା , ପୁରୀ, ନୟାଗଡ, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ବଜ୍ରପାତ ସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ଏହି ସମୟ ମଧ୍ୟରେ କୋରାପୁଟ , ନବରଙ୍ଗପୁର, ମାଲକାନଗିରି ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୧୯୯ କରୋନା ପଜିଟିଭ ଚିହ୍ନଟ

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ କୋଭିଡ଼-୧୯ର ଦ୍ୱିତୀୟ ଲହର ଜିଲ୍ଲାରେ ଉପର ମୁହାଁ ହେବାରେ ଲାଗିଛି। ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୮,୦୧୫ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୧୯୯ ଜଣ କୋଭିଡ଼-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ଏବଂ ଜିଲ୍ଲାରେ ଆକ୍ରାନ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୭,୪୮୫ରେ ପହଂଚିଛି। ସେହିପରି ମଇ ୧ ପର୍ଯ୍ୟନ୍ତ ଜିଲ୍ଲାରୁ ୧୫,୫୨୮ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୧,୮୬୪ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, କୋଭିଡ଼ କେୟାର ସେଂଟର, କୋଭିଡ଼ ହସପିଟାଲ, ଟିଏମସି ସେଂଟର, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼ ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସିତ ହେଉଛନ୍ତି ଏବଂ ଅଦ୍ୟାବଧି କୋଭିଡ଼-୧୯ ଭୂତାଣୁରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୋଟ୍ ୯୩ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି।

ପ୍ରକାଶ ଥାଉକି, ଗତ ୨୦୨୦ ସେପ୍ଟେମ୍ବର ମାସରେ ଜିଲ୍ଲାରୁ ସର୍ବାଧିକ ୪,୬୧୫ ଜଣ ପଜିଟିଭ ଓ ଅକ୍ଟୋବର ମାସରେ ଦ୍ୱିତୀୟ ସର୍ବାଧିକ ଭାବେ ୩,୨୭୫ ପଜିଟିଭ ଚିହ୍ନଟ ହେବା ପରେ ୨୦୨୧ ଏପ୍ରିଲ ମାସରେ ତୃତୀୟ ସର୍ବାଧିକ ଭାବେ ୨୬୧୧ ପଜିଟିଭ ଚିହ୍ନଟ ହୋଇଛନ୍ତି।

# କେନ୍ଦୁଝର:ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ୫ ଟି ସଚିବ:ଏକ ଶହ ବିଦ୍ୟାଳୟ ସାମିଲ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ୫ ଟି ସଚିବ ଭି.କେ. ପାଣ୍ଡିଆନ୍ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୦୦ ଟି ଉଚ୍ଚ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଲୋକ ସେବା ଭବନରୁ ଭିଡିଓ କନଫରେନସିଂ ଜରିଆରେ ୫ ଟି ସଚିବ ଭି.କେ. ପାଣ୍ଡିଆନ୍ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ଏହି କାର୍ଯ୍ୟକ୍ରମ ଉଚ୍ଚ ବିଦ୍ୟାଳୟମାନଙ୍କରେ ଉନ୍ନତମାନର ଶିକ୍ଷା ପ୍ରଦାନ ଓ ଶିକ୍ଷା ଗ୍ରହଣ ପରିବେଶ ସୃଷ୍ଟି କରି ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି କହିଥିଲେ। ଉଦ୍‌ବୋଧନ ଛଳରେ ୫ ଟି ସଚିବ ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ବିଦ୍ୟାଳୟ ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ମାନସ ସନ୍ତାନ। ଶିକ୍ଷାର ବିକାଶ ହିଁ ସମାଜ ଓ ଦେଶର ବିକାଶ। ନୂଆ ଓଡିଶାର ପରିକଳ୍ପନାକୁ ସାକାର କରିବାକୁ ହେଲେ ଶିକ୍ଷାର ବିକାଶ ନିହାତି ଆବଶ୍ୟକ। ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ମହତ ସ୍ୱପ୍ନକୁ ସାକାର କରିବ ବୋଲି କହିଥିଲେ। ଏତଦ୍‌ବ୍ୟତୀତ ୫ ଟି ସଚିବ କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯେଉଁ କୌଶଳ ଅବଲମ୍ବନ କରିଛନ୍ତି ତାହାକୁ ମିଳିତ ଜାତିସଂଘ ଓ ବିଶ୍ୱ ପ୍ରଶଂସା କରୁଛି। ଏହାହିଁ ପ୍ରକୃତରେ ରୂପାନ୍ତରୀକରଣ। ୫ ଟି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା କ୍ଷେତ୍ରରେ ଠିକ୍ ଏହିପରି ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀ ଚାହାନ୍ତି ବୋଲି ୫ ଟି ସଚିବ ଶ୍ରୀ ପାଣ୍ଡିଆନ୍ କହିଥିଲେ। ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାଳୟମାନଙ୍କରେ ଅତ୍ୟାଧୁନିକ ସୁବିଧା ଯଥା- ସ୍ମାଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ରିଡିଂ ରୁମ୍, ବିଜ୍ଞାନଗାର, ଖେଳ ସାମଗ୍ରୀ, କ୍ରୀଡା ଭିତିଭୂମି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଉପଲବ୍ଧ କରାଯିବ। ଏହାଦ୍ୱାରା ବିଦ୍ୟାଳୟଗୁଡିକ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ହୋଇପାରିବ। ଶିକ୍ଷକମାନଙ୍କ ତାଲିମ ଓ ଦକ୍ଷତା ବୃଦ୍ଧି ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଅଂଶବିଶେଷ ବୋଲି କହିଥିଲେ। ଏହି ଉପଲକ୍ଷେ ଜିଲ୍ଲା ଓ ବ୍ଲକ ସ୍ତରରେ ଭିଡିଓ କନଫରେନସିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଆଶିଷ ଠାକ୍‌ରେ ପ୍ରାରମ୍ଭରେ ୫ ଟି ସଚିବଙ୍କୁ ସ୍ୱାଗତ ସମ୍ଭାଷଣ କରି କେନ୍ଦୁଝର ଜିଲ୍ଲା ପାଇଁ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ କୃତଜ୍ଞତା ଜଣାଇଥିଲେ ଏବଂ ରୂପାନ୍ତରୀକରଣ କାର୍ଯ୍ୟକ୍ରମର 'ଭିଜନ ଡକ୍ୟୁମେଂଟ' ଉନ୍ମୋଚନ କରିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ୫ ଟି ସଚିବ ଜିଲ୍ଲାସ୍ତରରେ ଯୋଗ ଦେଇଥିବା ଅଧିକାରୀ, ବ୍ଲକ ସ୍ତରରେ ଯୋଗ ଦେଇଥିବା ଅଧିକାରୀ, ପ୍ରଧାନଶିକ୍ଷକ, ଛାତ୍ରଛାତ୍ରୀ, ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା, ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ବାର୍ତାଳାପ କରି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସେମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରିଥିଲେ ଏବଂ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲାସ୍ତରରେ ଆୟୋଜିତ ଭିଡିଓ କନଫରେନସିଂ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ଜୟଶ୍ରୀ ବେଉରା, ଜିଲ୍ଲା ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ସାହୁ, ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଦୁର୍ଗାପ୍ରସନ୍ନ ଲାୟକ ଉପସ୍ଥିତ ରହିଥିବାବେଳେ ବ୍ଲକସ୍ତରରେ ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ସଂପୃକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ / ଶିକ୍ଷୟିତ୍ରୀ, ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଭାଗ ନେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାତିଲ ରହିବ ପୁରୀ-ପାରାଦୀପ, ଭୁବନେଶ୍ୱର-ନୟାଗଡ଼ ଟାଉନ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର: ଯାତ୍ରୀ ଉପଲବ୍ଧ ନହେବାରୁ ପୁରୀ-ପାରାଦୀପ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ ବିଶେଷ ଟ୍ରେନ ବାତିଲ ରଖିବାକୁ ନିଷ୍ପତି ନେଇଛି ପୂର୍ବତଟ ରେଳବାଇ। ୦୮୪୨୩/୦୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱରରୁ ୨୭ ଏପ୍ରିଲ୍ ଏବଂ ନୟାଗଡ଼ ଟାଉନ୍ ରୁ ୨୮ ଏପ୍ରିଲ ଠାରୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଅଛି। ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ଦ୍ୱାରା ମାତ୍ର ୨ ଶତକଡାରୁ କମ ଯାତ୍ରୀ ଏହାର ଚଳାଚଳ ଠାରୁ ଉପଲବ୍ଧ ହୋଇଛନ୍ତି। ସେହିଭଳି, ୦୮୪୧୩/୦୮୪୧୪ ପାରାଦୀପ-ପୁରୀ-ପାରାଦୀପ ବିଶେଷ ଟ୍ରେନ ଉଭୟ ଦିଗରୁ ୨୭ ଏପ୍ରିଲ, ଠାରୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଛି। ଏହି ଟ୍ରେନ ଦ୍ୱାରା ଏହାର ଚଳାଚଳ ଠାରୁ ମାତ୍ର ୧୦ ଶତକଡା ରୁ କମ ଯାତ୍ରୀ ଉପଲବ୍ଧ ହୋଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ବିଜେଡି ଯୁବ ଉପସଭାପତିଙ୍କ କୃତଜ୍ଞତା

କେନ୍ଦୁଝର (ପିଏନ୍): ଚଳିତ ମେ' ମାସ ୧ ତାରିଖ ଠାରୁ ୧୮ ବର୍ଷରୁ ୪୫ବର୍ଷର ସମସ୍ତ ବ୍ୟକ୍ତିଙ୍କୁ ମାଗଣା ଟୀକା ଦିଆଯାଉଛି। ଏ ବାବଦରେ ୨ହଜାର କୋଟି ଟଙ୍କାର ବୋଝ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ନିଷ୍ପ□କୁ ବିଜୁ ଯୁବ ଜନତା ଦଳ ପକ୍ଷରୁ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀ ବିଶେଷ ଭାବେ ଯୁବବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ଏଭଳି ସମୟୋଚିତ ପଦକ୍ଷେପ ଗ୍ରହଣ କରିଥିବାରୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଯୁବ ଉପସଭାପତି ସୌମ୍ୟ ଶଙ୍କର ଚକ୍ର ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ଜନତା ଦଳର ଶ୍ରୀ ଚକ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସଦାସର୍ବଦା ଯୁବକମାନଙ୍କ ହିତ ନିମନ୍ତେ ଚିନ୍ତା କରି ସ୍ୱାର୍ଥ ଓ ସ୍ୱାସ୍ଥ୍ୟକୁ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାନ୍ତି। ଏହି ଅବସରରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏହି ଐତିହାସିକ ନିଷ୍ପ□କୁ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ଆନନ୍ଦପୁରରେ କୋଭିଡ୍ କେୟାର ସେ□ର ଖୋଲିଲା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ମ୍ୟୁନିସିପାଲଟି କଲ୍ୟାଣମଣ୍ଡପରେ ୬୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେ□ରର ଶୁଭାରମ୍ଭ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମାର ଦ□ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସେ□ରରେ ମୋଟ୍ ୬୦ଟି ଶଯ୍ୟା ଥିବାବେଳେ ୨୦ଟି ଅକ୍ସିଜେନ୍ ବେଡ୍ ରହିଛି। କରୋନା ଲକ୍ଷଣ ଥିବା ରୋଗୀମାନେ ଏଠାରେ ଚିକିତ୍ସିତ ହୋଇ ପାରିବେ। ଆନନ୍ଦପୁରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆନନ୍ଦପୁର ଡାକ୍ତରଖାନା ଅଧିକ୍ଷକ ଡାକ୍ତର ଧନେଶ୍ୱର ସେଠୀ, ତହସିଲଦାର ତପନ କୁମାର ନାୟକ, ପୌରନିର୍ବାହୀ ଅଧିକାରୀ ବିପିନ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୫ ଦଫା ଦାବୀ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଅଙ୍ଗନୱାଡ଼ିକର୍ମୀ ଓ ସହାୟିକା

ବାରିପଦା: ବିଜୁ ଶ୍ରମିକ ସାମୁଖ୍ୟ ସହ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମୁଖ୍ୟ ପକ୍ଷରୁ ୫ ଦଫା ଦାବୀ ନେଇ ଆଜି ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବୀପତ୍ରରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଗରମରନ୍ଧା ଖାଦ୍ୟ ବାବଦକୁ ମିଳୁଥିବା ଟ୬.୪୭ ପାଇସାରେ ମେନ୍ୟୁ ମୁତାବକ ସାମଗ୍ରୀ ଯୋଗାଇବା ଅସମ୍ଭବ ହୋଇପଡ଼ିଛି। ବଜାରରେ ଗୋଟାଏ ଅଣ୍ଡା ଟ୫.୫୦ ପଇସାରୁ ଅଧିକ ମୂଲ୍ୟ କିଣିବାକୁ ପଡୁଛି। ଏହି ସମୟରେ ଅବଶିଷ୍ଟ ୦.୯୭ ପଇସାରେ ହରଡ଼ ଡାଲି, ସୋରିଷ ତେଲ, ପରିବା, ଆଳୁ, ମସଲା, ହଳଦୀଗୁଣ୍ଡ ଓ ଲେମ୍ବୁ ଆଦି କିଣି ଯୋଗାଇ ଦେବା ସମ୍ଭବ ହୋଇ ପାରୁ ନାହିଁ। ଏଣୁ ଏହି ଶୁଖିଲା ଟିଏଚଆର ବଣ୍ଟନରେ ଅଣ୍ଡା ସହ ଚାଉଳ, ପରିବା କିମ୍ବା ଡାଲି ଦେବା ନିମନ୍ତେ ଦାବୀ କରାଯାଇଛି। ସେହିପରି ଓଡ଼ିଶାର ୯ଟି ପଛୁଆ ଜିଲ୍ଲାରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଗରମ ରନ୍ଧା ଖାଦ୍ୟରେ ସପ୍ତାହରେ ଗୋଟାଏ ଲେଖାଏଁ ଅଣ୍ଡା ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ରହିଥିବା ବେଳେ ପ୍ରତି ଅଣ୍ଡା ବାବଦକୁ ୫ ଟଙ୍କା ଲେଖାଏଁ ଦିଆଯାଉଛି। ବର୍ତ୍ତମାନ ବଜାରରେ ଅଣ୍ଡାର ମୂଲ୍ୟ ଅହେତୁକ ବୃଦ୍ଧି ପାଇଥିବାରୁ ଚଳିତ ମେ ପହିଲାରୁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏଣୁ ପୂର୍ବରୁ ଧାର୍ଯ୍ୟ କରାଇଥିବା ମୂଲ୍ୟରେ ପରିବର୍ତନ କରାଯିବା ପରେ କାର୍ଯ୍ୟକ୍ରମକୁ ପୁନଃ ଆରମ୍ଭ କରାଯିବ। ମୋବାଇଲରେ ଆପ୍ ମାଧ୍ୟମରେ ପୋଷଣ ଟ୍ରାକର କାର୍ଯ୍ୟକ୍ରମକୁ ପରିଚାଳନା କରାଯିବା ନିମନ୍ତେ ବାଧ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମକୁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ସ୍ୱାଗତ ଜଣାଇଛନ୍ତି। ମାତ୍ର ସମସ୍ତ କର୍ମୀ ଓ ସହାୟିକାମାନେ ଏଥି ନିମନ୍ତେ ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି। ପୁଣି ସମସ୍ତଙ୍କ ନିକଟରେ ସ୍ମାର୍ଟ ଫୋନ ନାହିଁ। ଏଣୁ ସରକାରଙ୍କ ଘୋଷଣା ଅନୁସାରେ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସ୍ମାର୍ଟ ଫୋନ, ସିମ୍ ଯୋଗାଇ ଦେବା ସାଙ୍ଗକୁ ଉପଯୁକ୍ତ ତାଲିମ ପ୍ରଦାନ କରାନଯିବା ପର୍ଯ୍ୟନ୍ତ ଏହି ମୋବାଇଲରେ ଆପ୍ ମାଧ୍ୟମରେ ପୋଷଣ ଟ୍ରାକର କାର୍ଯ୍ୟକ୍ରମକୁ ପରିଚାଳନାକୁ ସ୍ଥଗିତ ରଖାଯାଉ। ପୁଣି ଏଥି ନିମନ୍ତେ ଅଧିକ ପରିଶ୍ରମ ନେଟୱାର୍କ(ଡାଟା) ଦେୟ ଯୋଗାଇ ଦେବାର ଆବଶ୍ୟକତା ରହିଛି। ଶେଷରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ କୋଭିଡ଼ ପରିଚାଳନା କ୍ଷେତ୍ରରେ ଆଗଧାଡ଼ିରେ ଥାଇ ସମ୍ମୁଖ ଯୁଦ୍ଧା ଭାବେ ଫିଲଡ଼ରେ ଘରେ ଘରେ ବୁଲି କାର୍ଯ୍ୟ କରୁଛନ୍ତି। ଏଣୁ ଏମାନଙ୍କର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକଙ୍କୁ ପିପି କିଟ୍, ଗ୍ଲୋବ, ମାସ୍କ, ସାନିଟାଇଜର ଆଦି ଯୋଗାଇ ଦେବା ସାଙ୍ଗକୁ ଯୁଦ୍ଧାରେ ଜୀବନ ହରାଇଲେ ମୃତ୍ୟୁ ଜନିତ ବୀମାରାଶି ସଠିକ ଭାବେ ସେମାନଙ୍କ ପରିବାର କିପରି ପାଇ ପାରିବେ ସେଥି ନିମନ୍ତେ ସଂଘ ପକ୍ଷରୁ ଦାବୀ କରାଯାଇଛି। ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ଏହି ଦାବୀପତ୍ର ପ୍ରଦାନ ସମୟରେ ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା, ଜିଲ୍ଲା ସଭାପତି ସୌଭାଗ୍ୟ ମଞ୍ଜରୀ କରଣ, ଜିଲ୍ଲା ସମ୍ପାଦିକା ନନ୍ଦିତା ଦତ, ସହସମ୍ପାଦିକା କଳ୍ପନା ସେନାପତି, ଜିଲ୍ଲା ଉପସଭାପତି ହୀରାମଣି ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ ଦାବୀପତ୍ରର ଏକ ନକଲ ମଧ୍ୟ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅନୁସୂୟା ପାତ୍ର ଓ ଯୋଜନା ଅଧିକାରିଣୀ ମିନତୀ ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି।

## ରନ୍ଧନ ତୈଳରୁ ପ୍ରସ୍ତୁତ ପ୍ରଥମ ବାୟୋଡିଜେଲ୍ ଯୋଗାଣର ଶୁଭାରମ୍ଭ

# ବିକଳ୍ପ ଇନ୍ଧନ ପ୍ରସ୍ତୁତ କରି ଭାରତର ସ୍ୱଦେଶୀ କ୍ଷମତାକୁ ସୁଦୃଢ଼ କରୁଛନ୍ତି ତୈଳ ବିପଣନ କମ୍ପାନୀ - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର: ଦେଶର ତୈଳ ବିପଣନ କମ୍ପାନୀମାନେ(ଓଏମସି) ବିକଳ୍ପ ଇନ୍ଧନ ପ୍ରସ୍ତୁତ କରି ଭାରତର ସ୍ୱଦେଶୀ କ୍ଷମତାକୁ ନିରନ୍ତର ସୁଦୃଢ଼ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ କଳ୍ପନାକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ମଙ୍ଗଳବାର ଇଣ୍ଡିଆନ ଅଏଲର ଦିଲ୍ଲୀ ଟିକରୀକଲାନ ଟର୍ମିନାଲରୁ ବ୍ୟବହୃତ ରନ୍ଧନ ତେଲ(ୟୁସିଓ)ରୁ ପ୍ରସ୍ତୁତ ବାୟୋ ଡିଜେଲ ମିଶ୍ରିତ ପ୍ରଥମ ହାଇସ୍ପିଡ ଡିଜେଲ ଯୋଗାଣର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ୨୦୧୯ରେ ବିଶ୍ୱ ଜୈବ ଇନ୍ଧନ ଦିବସ ଅବସରରେ ବ୍ୟବହୃତ ରନ୍ଧନ ତୈଳରୁ ଉତ୍ପାଦିତ ବାୟୋ-ଡିଜେଲର ସଂଗ୍ରହ ପାଇଁ ଇଓଆଇ(ଏକ୍ସପ୍ରେସନ ଅଫ୍ ଇଂଟ୍ରେଷ୍ଟ) ଯୋଜନା ଆରମ୍ଭ କରାଯାଇଥିଲା। ଏ ଦିଗରେ ଆଜି ବାୟୋ ଡିଜେଲ ମିଶ୍ରିତ ହାଇସ୍ପିଡ ଡିଜେଲ ଯୋଗାଣର ଶୁଭାରମ୍ଭ ଭାରତର ଜୈବ ଇନ୍ଧନ କ୍ଷେତ୍ରରେ ଏକ ଭଲ ପଦକ୍ଷେପ। ଏହି ଇନ୍ଧନ ଦ୍ୱାରା ପରିବେଶ ଉପରେ ସକରାତ୍ମକ ପ୍ରଭାବ ପଡିବ। ଏହି ପଦକ୍ଷେପ ସ୍ୱଦେଶୀ ବାୟୋଡ଼ିଜେଲ ଯୋଗାଣ, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ହେବ ଏବଂ ଗ୍ରାମାଂଚଳରେ ନିଯୁକ୍ତି ସୃଷ୍ଟି କରିବ। ଯାହା ଫଳରେ ଦେଶରେ ଆର୍ଥିକ ଅଭିବୃଦ୍ଧି ହେବ। ବିକଳ୍ପ ଉର୍ଜାର ଅନ୍ୱେଷଣ ପାଇଁ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଥିବା ୭ଟି ସବୁଜ ଇନ୍ଧନ ପଦକ୍ଷେପ ମଧ୍ୟରୁ ଜୈବଇନ୍ଧନ ଅନ୍ୟତମ ବୋଲି ସେ କହିଛନ୍ତି।

ସେହିପରି କରୋନା ମହାମାରୀର କଠିନ ସମୟରେ ମଧ୍ୟ ନିରନ୍ତର ଇନ୍ଧନ ଉପଲବ୍ଧି ଦିଗରେ ତୈଳ କମ୍ପାନୀ ଗୁଡ଼ିକର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ। ତୈଳ କମ୍ପାନୀମାନେ ଜୈବ ଇନ୍ଧନରେ ନୂଆ ମାଇଲଖୁଂଟ ହାସଲ କରିବା ସହ ବିକଳ୍ପ ଇନ୍ଧନ ଦିଗରେ ଭାରତର ସ୍ୱଦେଶୀ କ୍ଷମତାକୁ ନିରନ୍ତର ସୁଦୃଢ଼ କରୁଛନ୍ତି। ତୈଳ ଓ ଗ୍ୟାସ କମ୍ପାନୀମାନେ ଦେଶର ପ୍ରଗତି ପାଇଁ କାମ କରିବା ସଙ୍ଗେସଙ୍ଗେ ହସ୍ପିଟାଲ ଏବଂ ରାଜ୍ୟରେ କ୍ୟାପଟିଭ୍ ଅକ୍ସିଜେନ ପ୍ଲାଂଟ୍ ପ୍ରତିଷ୍ଠା କରି ଭାରତର କୋଭିଡ୍-୧୯ ମୁକାବିଲାକୁ ମଜବୁତ୍ କରିବା ପାଇଁ ଦିନରାତି କାମ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିବା ସହ ଘରେ ଘରେ ଇନ୍ଧନ ଯୋଗାଉଥିବା କୋଭିଡ୍ ଯୋଦ୍ଧାଙ୍କୁ ମହାମାରୀରୁ ସତର୍କ ରହିବା ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବ୍ୟବହୃତ ରନ୍ଧନ ତୈଳ(ୟୁସିଓ)କୁ ବାୟୋଡିଜେଲରେ ପରିଣତ କରିବା ଏବଂ ତତସହ ଜଡ଼ିତ ଉଦ୍ୟୋଗୀକରଣର ବିକାଶ ପାଇଁ ଏକ ଇକୋ-ସିଷ୍ଟମ ସୃଷ୍ଟି କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ଭୂପୃଷ୍ଠ ବିଜ୍ଞାନ ମନ୍ତ୍ରୀ ୧୦ ଅଗଷ୍ଟ ୨୦୧୯ ରେ ବିଶ୍ୱ ଜୈବ ଇନ୍ଧନ ଦିବସ ଅବସରରେ ବ୍ୟବହୃତ ରନ୍ଧନ ତୈଳରୁ ଉତ୍ପାଦିତ ବାୟୋଡିଜେଲର ସଂଗ୍ରହ ପାଇଁ ଏକ୍ସପ୍ରେସନ ଅଫ୍ ଇଂଟ୍ରେଷ୍ଟ (ଇଓଆଇ) ଆରମ୍ଭ କରିଥିଲେ।

ଏହି ମର୍ମରେ ବର୍ତମାନ ପର୍ଯ୍ୟନ୍ତ ଇଣ୍ଡିଆନ୍ ଅଏଲ୍ ବାୟୋଡିଜେଲ୍ ପ୍ଲାଂଟ୍ ପାଇଁ ୨୩ଟି ଏଲଓଆଇ ଜାରି କରିଛି। ଯାହାର ମୋଟ କ୍ଷମତା ରହିଛି ୨୨.୯୫ କୋଟି ଲିଟର (୫୫୭.୫୭ ଟିପିଡ଼ି)। ଏହି ପଦକ୍ଷେପ ଅନୁଯାୟୀ, ଇଣ୍ଡିଆନ୍ ଅଏଲ୍ ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦିଲ୍ଲୀ ଟିକରୀକଲାନ ଟର୍ମିନାଲରେ ୫୧କେଏଲ୍ ବ୍ୟବହୃତ ରନ୍ଧନ ତୈଳ-ବାୟୋଡ଼ିଜେଲ ଗ୍ରହଣ କରିଥିଲା।

## ଚିହ୍ନଟ ହେଲେ ଆଉ ନୂଆ ୯୧ ଆକ୍ରାନ୍ତ, ୪ଟି ଗ୍ରାମ କ□ନମେ□ ଜୋନ

ଭଦ୍ରକ: ଭଦ୍ରକ ଜିଲାରୁ ଆଉ ୯୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ସମୟରେ ୪୩ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଜିଲ୍ଲାର ମୋଟ ସକ୍ରିୟ ସଂଖ୍ୟା ୭୨୯ରେ ପହଞ୍ଚିଛି। ମୋଟ ୩ ଲକ୍ଷ ୪୩ ହଜାର ୬୭୩ଜଣଙ୍କ ନମୁନା ପରୀକ୍ଷା ପରେ ଜିଲାର ମୋଟ ଆକ୍ରାନ୍ତ ସଂଖ୍ୟା ୮ହଜାର ୭୦୩ ହୋଇଥିବା ବେଳେ ମୋଟ ସୁସ୍ଥ ହୋଇଥିବା ୭ ହଜାର ୯୩୩ଜଣ। ଯେଉଁ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ଏମ୍ସ ହସପିଟାଲରେ ୩ଜଣ, ସମ୍ ହସପିଟାଲରେ ୨ଜଣ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ବ୍ଲକର ଆ□ଂ, ଅରଣ୍ଡୁଆ, ଗୁଆଗଡ଼ିଆ ଓ ମାଟିପକା ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ପୌରପାଳିକାର ୪ ନଂ ୱାର୍ଡ ଓ ୨ ନଂ ୱାର୍ଡରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଭଦ୍ରକ ବ୍ଲକର ଚୁନିଦାରୁ ୨ଜଣ, ରାନ୍ଦିଆ ଗ୍ରାମରୁ ୫ଜଣ, ଭଦ୍ରକ ବ୍ଲକରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଭଦ୍ରକ ପୌରପାଳିକାର ୨୯ ନଂ ୱାର୍ଡ଼ ଗରଦପୁରରୁ ୩ଜଣ, ୧୦ ନଂ ୱାର୍ଡ ଜଗନ୍ନାଥପୁର ଗ୍ରାମରୁ ଜଣେ, ୧୩ ନଂ ୱାର୍ଡ ଅପ□ବିନ୍ଧାରୁ ଜଣେ, ୯ ନଂ ୱାର୍ଡ ବନ୍ତ ଛକରୁ ୨ଜଣ, ବନ୍ତ ବ୍ଲକର ପଦି ଗ୍ରାମରୁ ୭ଜଣ, ସିଲନ୍ଦି ଗ୍ରାମରୁ ୨ଜଣ, ନରାଜପୁରରୁ ଜଣେ, ଛୟାଳସିଂରୁ ଜଣେ, ଗୋପିନାଥପୁରରୁ ୬ଜଣ, ପୁରୁଷଣ୍ଡରୁ ୨ଜଣ, ମହାନ୍ତିପଡ଼ାରୁ ଜଣେ, ପାନପଦୀରୁ ୨ଜଣ, ବାରିକପୁରରୁ ଜଣେ, ଚାନ୍ଦବାଲି ବ୍ଲକର ଧାମରା, ଶଶିକାଦେଇପୁର, ବହୁଗାଁ, ସାନଓସ୍ତିଆ, ପୋଖରୀସାହି ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ସେହିଭଳି ଚାନ୍ଦବାଲି ଏନ୍ଏସିର ୧୧ ନଂ ୱାର୍ଡ ବାଲିଗାଁ ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ଗ୍ରାମରୁ ୩ଜଣ, ଜଳମଣ୍ଡୁଆ ଗ୍ରାମରୁ ଜଣେ, କ□ ଗ୍ରାମରୁ ଜଣେ, ମଞ୍ଜୁରିରୋଡରୁ ଜଣେ, ଡଗରପଡା ଗ୍ରାମରୁ ୨ଜଣ, ମିଟୁଆଣିରୁ ଜଣେ, ମରେଇକଣା ଗ୍ରାମରୁ ଜଣେ, ସରସଦା ଗ୍ରାମରୁ ୩ଜଣ, କୁଲଣା ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଧାମନଗର ବ୍ଲକର ବାବୁରିଗାଁ, ଜାହାଙ୍ଗିର, ଧୁଷୁରୀ, କାସିମପୁର, ଖଡ଼ିପଦା, ରଘୁନାଥପୁର, ଷୋଳଗାଁ ଗ୍ରାମରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷୋହଡା ଗ୍ରାମରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଦ୍ରୁତ ସଂକ୍ରମଣକୁ ନଜରରେ ରଖି ଜିଲ୍ଲାପାଳ ଡ. ଜ୍ଞାନ ଦାସ ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପ□ାୟତର ଖରିଦା ବିନାୟକପୁର ଓ ବାଗଦା ବିନାୟକପୁର ଗ୍ରାମକୁ କ□ନମେ□ ଜୋନ, ଭଦ୍ରକ ବ୍ଲକର ହରିପୁର ପ□ାୟତର ଲାଙ୍ଗୁଡ଼ି ମହାଦେବସାହି, ଚାନ୍ଦବାଲି ବ୍ଲକର ଘଟପୁର ପ□ାୟତର ହେଙ୍ଗୁପତି ଗ୍ରାମକୁ କ□ନମେ□ ଜୋନ ଭାବେ ଘୋଷଣା କରିଛନ୍ତି।

# କୋଭିଡ୍ ପରିଚାଳନା ନେଇ ସମିକ୍ଷା କଲେ ପୁଲିସ ଡିଜି ଅଭୟ

ରାଉରକେଲା: ପଶ୍ଚିମାଂଚଳରେ କୋଭିଡ ସ୍ଥିତି ଧିରେ ଧିରେ ବିସ୍ଫୁଟିବା ବେଳେ ଓଡିଶାର ଅନ୍ୟ ସ୍ଥାନରେ ସ୍ଥିତି ବିଗିଡ଼ି ଚାଲିଛି। ଏହାକୁ ଦେଖି ରାଜ୍ୟ ସରକାର ୧୪ ଦିନିଆ ଲକଡାଉନ ଘୋଷଣା କରିଥିବା ବେଳେ ରାଉରକେଲା ସମେତ ପଡୋଶି ପୁଲିସ ଜିଲ୍ଲାରେ କୋଭିଡ୍ ପରିଚାଳନା କେମିତି ଚାଲିଛି ତାହାର ସରଜମିନ ସମିକ୍ଷା କରିବା ଲାଗି ଆଜି ଓଡିଶା ପୁଲିସ ଡିଜି ଶ୍ରୀ ଅଭୟ ଆଜି ରାଉରକେଲାରେ ପହଁଚି ସମିକ୍ଷା କରିଛନ୍ତି। ଶ୍ରୀ ଅଭୟ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଆଜି ରାଉରକେଲାରେ ପହଁଚି ରାଉରକେଲାରେ ମିଡିଆକୁ ଭେଟିଥିଲେ। ସେ କହିଥିଲେ ରାଜ୍ୟ ସରକାର ଯେଉଁଭଳି ଏହି ସ୍ଥିତିକୁ ପରିଚାଳନା କରିବାକୁ କହିଥିଲେ ସେହି ଭଳି ସମସ୍ତ କାମ ପୁଲିସ ଚଳାଇଛି। ବିଶେଷ କରି ଅକ୍ସିଜେନ ଗାଡି ଗୁଡିକ କିଭଳି ତାର ଗନ୍ତବ୍ୟ ଯାଗାରେ ପହଁଚିବ ତାହାର ବ୍ୟବସ୍ଥା ପୁଲିସ ପକ୍ଷରୁ କରାଯାଉଛି। ମୁଖ୍ୟମନ୍ତ୍ରୀ କହିବା ଅନୁଶାରେ ଲୋକଙ୍କୁ ମାସ୍କ ପିନ୍ଧାରେ ଅଭ୍ୟାସ କରାଇ ସଚେତନ କରିବା ଓ ସାମଜିକ ଦୂରତା ଲାଗି ସଚେତନ କରାଇବା ଦିଗରେ ପୁଲିସ କାର୍ଯ୍ୟ କରୁଛି, ଲୋକେ ମଧ୍ୟ ଅନେକ କରିମାନା ଦେଉଛନ୍ତି। ପରେ ସେ ରାଉରକେଲା, ସୁନ୍ଦରଗଡ଼, ରେଳବାଇ ପୁଲିସ, ଝାରସୁଗୁଡ଼ା ଓ ସମ୍ବଲପୁରର ପୁଲିସ ଅଧିକାରୀ ମାନଙ୍କ ସହ କୋଭିଡ ପରିଚାଳନା କେମିତି ଚାଲିଛି ପଚାରି ବୁଝିଥିଲେ। ଏହି ସମୟରେ ବିଶେଷ କରି ସିମାନ୍ତ ଅଂଚଳରେ କୋଭିଡ ପରିଚାଳନା ନେଇ କିଭଳି କାମ ଚାଲିଛି ତାକୁ ମଧ୍ୟ ପଚାରି ବୁଝିଥିଲେ। ପରେ ପରେ ସେ ଚତୁର୍ଥ ବାଟାଲିଆନ ରାଉରକେଲା କ୍ୟାମ୍ପସକୁ ପରିଦର୍ଶନରେ ଯାଇଥିଲେ।

## ସରକାରୀ ଯୋଜନା ପ୍ରଦାନରେ ଟାଳଟୁଳ ନୀତି

# ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କଲେ: କଳାପଟି ମୁହଁରେ ଭିଡି ପ୍ରତିବାଦ କଲେ

ଧର୍ମଶାଳା: କରୋନା ମହାବିପତି ସମୟରେ ଲୋକେ ଭୋକିଲା ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଆରୁହା ପଂଚାୟତରେ ନିରୀହ ଗରୀବ ସରଳ ଶବର ଲୋକମାନଙ୍କ ରାସନକୁ ଚଂଚକତା କରାଯାଇ ବନ୍ଦ କରାଯିବା ଭଳି ଅମାନବିୟ ଘଟଣା ସାମ୍ନାକୁ ଆସିଛି। ଏହାର ପ୍ରତିବାଦରେ ଗାଁରେ ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ ସହ ସେମାନଙ୍କୁ ରାସନ ପ୍ରଦାନ କରାଇ ଦେଉନଥିବା ଭ୍ରଷ୍ଟାଚାରୀଙ୍କ ବିରୋଧରେ ମୁହଁରେ କଳାପଟି ଭିଡି ପ୍ରତିବାଦ କରିଥିଲେ। ଏହାସହ ଏଥିନେଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଧାରଣା ଦେବାକୁ ସତୀଶ ଚେତାବନୀ ଦେଇଛନ୍ତି।

ଖବରରୁ ପ୍ରକାଶ, ଏହି ପଂଚାୟତର ହିଞ୍ଜଳପାଟିଆ ଗ୍ରାମରେ ସମସ୍ତ ଜନସାଧାରଣ ଶବର ସମ୍ପ୍ରଦାୟର ଅଟନ୍ତି। ଏମାନେ ଚଳିତ ମାସରେ ରାସନ ପାଇଁ ଯାଇଥିବା ବେଳେ ସେମାନଙ୍କ ରାସନ କାର୍ଡ କଟି ଯାଇଥିବାର କୁହାଗଲା। ପରେ ସେମାନଙ୍କ ରାସନ ଅନ୍ୟ ରିଟେଲରଙ୍କ ନିକଟକୁ ପଳାଇଥିବାର କୁହାଗଲା। ଏହାର ପ୍ରତିବାଦରେ ଗାଁର ଲୋକମାନେ ସମୁହ ଭାବେ ଧର୍ମଶାଳା ବ୍ଲକରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ହେଲେ ଏହାର କୌଣସି ସୁଫଳ ମିଳି ନଥିଲା। ଅପରନ୍ତୁ ସେମାନେ ନିଜର ରିଟେଲର ବଦଳାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିବାର ବ୍ଲକ ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ। ଅନେକ ଗାଁ ଲୋକ ଟିପ ଚିହ୍ନ ମାରୁ ଥିବା ବେଳେ ଏଥିରେ ସେମାନଙ୍କ ଦସ୍ତଖତ ହୋଇଥିବାର ଦେଖା ଯାଇଥିଲା। ସେହିପରି କେତେକ ଲୋକଙ୍କ ଆଧାର ଲିଙ୍କ୍ ହେବାର କୁହାଯାଇ ଦସ୍ତଖତ ନିଆଯାଇ ଚଂଚକତା କରାଯାଇଥିଲା। ହେଲେ ଗାଁ ଲୋକ ଯେତେ ଦାବି କଲେ ବି ସେମାନଙ୍କୁ ଉକ୍ତ ଦରଖାସ୍ତର ନକଲ ଦିଆଯାଇ ନଥିଲା। ଅପରନ୍ତୁ ସେମାନଙ୍କ ଦସ୍ତଖତ ନେଇ ଯାଂଚ୍ କରାଯିବା ପରେ ସେମାନଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯିବ ବୋଲି କୁହାଗଲା। ଏଥିନେଇ ଗାଁ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଗରୀବ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଲଢେଇ କରୁଥିବା ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗାଁରେ ସତୀଶଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ସତୀଶ କହିଥିଲେ ଯେ, ବି.ଜେ.ଡି ନାମରେ କୌଣସି ପ୍ରକାରେ ଭ୍ରଷ୍ଟାଚାର ଏବଂ ଗରୀବ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରାନଯାଉ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ କ୍ଷେତ୍ରରେ ଅତ୍ୟନ୍ତ ସ୍ୱଷ୍ଟ ଏବଂ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଉଭୟ ପ୍ରଶାସନ ଓ ଦଳୀୟ କର୍ମୀଙ୍କୁ ବାରମ୍ବାର ଆହ୍ୱାନ ଦେଇଛନ୍ତି। ସତୀଶ ଏଥିନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ପ୍ରକାଶ ଥାଉ କି, ଏହି ଚଂଚକତା କରିଥିବା ଦୁଇ ତିନି ଜଣ ପ୍ରଭାବଶାଳୀ ରାତିରେ ଗାଁରେ ପହଂଚି ଗାଁ ଲୋକଙ୍କ ସହ ଭିତିରିଆ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଁ ଲୋକେ ଏହାକୁ ପ୍ରତ୍ୟାଖାନ କରିଥିଲେ। ଏଥିପାଇଁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଗୋଟିଏ ଦିନରେ ୮୨୧୬ କରୋନା ଆକ୍ରାନ୍ତ ଚିହ୍ନଟ

# ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୭୯୭୫୨

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୮୨୧୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୭୯୭୫୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୪୦୪୦୬୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୩୫୪୮ ରହିଛି।

ଆଜି ଚିହ୍ନଟ ହୋଇଥିବା ୮୨୧୬ ଜଣଙ୍କ ମଧ୍ୟରୁ ୪୬୮୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫୩୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୨୭୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।

ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୨ ଜଣ, ବରଗଡ଼ରୁ ୩୭୫ ଜଣ, ଭଦ୍ରକରୁ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୩୦୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ବୌଦ୍ଧ ଜିଲ୍ଲାରୁ ୯୮, କଟକରୁ ୪୪୭ ଜଣ, ଦେବଗଡ ଜିଲ୍ଲାରୁ ୯୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୭ ଜଣ, ଗଜପତି ଜିଲ୍ଲାରୁ ୧୨୧, ଗଞ୍ଜାମରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୦୬ ଜଣ, ଯାଜପୁରରୁ ୩୪୭ ଜଣ, ଝାରସୁଗୁଡ଼ାରୁ ୩୧୬ ଜଣ, କଳାହାଣ୍ଡିରୁ ୨୩୮ ଜଣ, କନ୍ଧମାଳ ଜିଲ୍ଲାରୁ ୭୭ ଜଣ. କେନ୍ଦ୍ରାପଡ଼ାରୁ ୮୭ ଜଣ, କେନ୍ଦୁଝରରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଖୋର୍ଦ୍ଧାରୁ ୧୨୭୧ ଜଣ, କୋରାପୁଟରୁ ୧୩୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୧୯୦ ଜଣ, ନବରଙ୍ଗପୁରରୁ ୩୧୯ ଜଣ, ନୟାଗଡ଼ରୁ ୧୯୪ ଜଣ, ନୂଆପଡ଼ାରୁ ୨୬୧ ଜଣ, ପୁରୀରୁ ୪୦୨ ଜଣ, ରାୟଗଡ଼ାରୁ ୨୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୮୫ ଜଣ, ସୋନପୁରରୁ ୨୪୮ ଜଣ, ସୁନ୍ଦରଗଡ଼ରୁ ୬୩୬ ଜଣ ଓ ଷ୍ଟେଟ୍ ପୁଲରୁ ୨୩୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : ମନୋଜ ଦାସଙ୍କ ସ୍ମୃତିରେ ଆନ୍ତର୍ଜାତୀୟ ପୁରସ୍କାର

- ଜନ୍ମସ୍ଥାନରେ ପ୍ରତିଷ୍ଠା ହେବ ମ୍ୟୁଜିଅମ୍ ଓ ଲାଇବ୍ରେରୀ

ଭୁବନେଶ୍ୱର: ଯଶସ୍ୱୀ ସାରସ୍ୱତ ସାଧକ ସ୍ୱର୍ଗତ ମନୋଜ ଦାସଙ୍କ ସ୍ମୃତିରେ "ମନୋଜ ଦାସ ଆନ୍ତର୍ଜତୀୟ ସାହିତ୍ୟ ପୁରସ୍କାର" ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଇଂରାଜୀ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଓଡିଆ ସାହିତ୍ୟିକମାନଙ୍କୁ ଏହି ପୁରସ୍କାର ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତି ବର୍ଷ ଦିଆଯିବ। ପୁରସ୍କାର ରାଶି ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

ଯୁବପୀଢି ମଧ୍ୟରେ ଉଭୟ ଇଂରାଜୀ ଓ ଓଡିଆ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ପ୍ରତିବର୍ଷ ହାଇସ୍କୁଲ ସ୍ତରରେ ଇଂରାଜୀ ଓ ସାହିତ୍ୟରେ ମୌଳିକ ରଚନା ପାଇଁ 'ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ'ପ୍ରଦାନ କରାଯିବ। ଏଥିନିମନ୍ତେ ଉଭୟ ଓଡିଶା ଓ ଇଂରାଜୀ ଭାଷାରେ ଗୋଟିଏ ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

ସେହିପରି ମନୋଜ ବାସଙ୍କ ପରିବାର ସଦସ୍ୟମାନଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସରକାର ତାଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲାର ଶଙ୍ଖାରୀ ଗ୍ରାମରେ ଥିବା ତାଙ୍କ ପୈତୃକ ବାସଭବନକୁ ହାତକୁ ନେବେ ଏବଂ ତାହାକୁ ପ୍ରଥିତଯଶା ଭାତୃଦ୍ୱୟ ପ୍ରଫେସର ମନ୍ମଥ ଦାସ ଓ ମନୋଜ ଦାସ ଦୁଇ ଭାଇଙ୍କ ନାମରେ 'ମନ୍ମଥ-ମନୋଜ ସ୍ମାରକୀ' ଭାବରେ ଘୋଷଣା କରାଯିବ। ସେଠାରେ ଉଭୟ ମନ୍ମଥ ନାଥ ଦାସ ଓ ମନୋଜ ଦାସଙ୍କଦ୍ୱାରା ଇତିହାସ ଓ ସାହିତ୍ୟ ଉପରେ ଲିଖିତ ସମସ୍ତ ପୁସ୍ତକକୁ ରଖାଯାଇ ଏକ ଲାଇବ୍ରେରୀ ମଧ୍ୟ ସ୍ଥାପନ କରାଯିବ। ବାସଭବନ ପରିସରରେ ଥିବା ମନ୍ଦିରର ସଂରକ୍ଷଣ ମଧ୍ୟ କରାଯିବ। ଏହା ବ୍ୟତୀତ ସ୍ୱର୍ଗତ ମନୋଜ ଦାସଙ୍କର ସ୍ମୃତିରେ ଉତ୍କଳ ପ୍ରସଙ୍ଗ, ଓଡିଶା ରିଭ୍ୟୁ ଏବଂ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିକ କୋଣାର୍କ ପ୍ରତିକାର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରାଯିବ।

# ଦୁଇ ପୋଲିସ ଜିଲ୍ଲାରୁ ୩.୧୦ ଲକ୍ଷ ଜୋରିମାନା ଆଦାୟ

ଗଞ୍ଜାମ: ଗଞ୍ଜାମ ପୋଲିସ ଓ ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ କୋଭିଡ୍ ନିୟମ ଓ ହେଲମେଟ ଯାଂଚ୍ କୁ କଡ଼ାକଡ଼ି କରାଯାଇଛି। ଦୁଇ ପୋଲିସ ଜିଲ୍ଲାରୁ ମୋଟ୍ ୩.୧୦ ଲକ୍ଷ ଜୋରିମାନା ଆଦାୟ କରାଯାଇଛି। ଗଞ୍ଜାମ ପୋଲିସ ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଙ୍ଘନ କରିଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ୧ ଲକ୍ଷ ୫୮ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏଥିସହ ସଟ୍ ଡାଉନ୍ ଉଲ୍ଲଙ୍ଘନ ନେଇ ୪ଟି ଦୋକାନକୁ ସିଲ୍ କରାଯାଇଛି। ବିଭିନ୍ନ ଥାନାରେ ୫ଟି ଅବକାରୀ ମାମଲା ରୁଜୁ କରାଯିବା ସହ ୪୧.୬ ଲିଟର ଚୋରା ମଦ ଜବତ ହୋଇଛି। ପୃଥକ୍ ପୃଥକ୍ ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ୧ ଲକ୍ଷ ୫୨ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି।

# ଫୁଲବାଣୀ କୋଭିଡ୍ ହସପିଟାଲରେ ଯୋଗାଯୋଗ ପାଇଁ ହେଲ୍ପଡେସ୍କ ଖୋଲିଲା

କନ୍ଧମାଳ: କନ୍ଧମାଳ ଜିଲ୍ଲା ସମେତ ଫୁଲବାଣୀରେ କରୋନା ସଂକ୍ରମଣ ଦିନକୁ ଦିନ ଦୃତଗତିରେ ବଢିବାରେ ଲାଗିଛି। ସୋମବାର ଦିନ ଜିଲ୍ଲାର ବିଭିନ୍ନ ଅଂଚଳରୁ ୭୭ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳର ସର୍ବାଧିକ ୧୪ ଜଣଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ଜିଲ୍ଲାର ବାଲିଗୁଡା ବିଜ୍ଞାପିତ ଅଂଚଳର ୧୦ ଜଣ, ଘୁ.ଉଦୟଗିରିର ୫, ଦାରିଙ୍ଗବାଡିର ୨, ରାଇକିଆର ୧୦, କୋଟଗଡ ଅଂଚଳର ୫, କ.ନୂଆଗାଁର ୮, ତୁମୁଡିବନ୍ଧର ୩ ଜଣ, ଖଜୁରିପଡାର ୫ ଜଣ, ଚକାପାଦର ୬, ରାଇକିଆ ଏବଂ ଟିକାବାଲି ଅଂଚଳର ୮ ଜଣ ଲେଖାଏଁ ରହିଥିବାବେଳେ ଜିଲ୍ଲା ବାହାରେ ଜଣେ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରସାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଆଜିର ସଂକ୍ରମିତ ମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୭୫୬ ରେ ପହଂଚିଛି। ସୁସ୍ଥ ହୋଇ ଘରକୁ ଫେରିଥିବା ସଂକ୍ରମିତଙ୍କ ସଂଖ୍ୟା ୬,୨୨୨ ହୋଇଥିବାବେଳେ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୫ ରହିଛି। ତେବେ ଜିଲ୍ଲାର ବିଭିନ୍ନ କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ଏବଂ ସଙ୍ଗରୋଧରେ ରହି ମୋଟ୍ ୪୯୯ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। କୋଭିଡ ହସପିଟାଲରେ ଥିବା ସଂକ୍ରମିତଙ୍କ ପରିବାର ଲୋକଙ୍କ ଯୋଗାଯୋଗ ପାଇଁ ହସପିଟାଲର ହେଲ୍ପଡେସ୍କ ଖୋଲାଯାଇ ଏକ ମୋବାଇଲ ନମ୍ବର(୯୪୩୯୭୫୪୫୭୩) ଜାରୀ କରାଯାଇଛି। ସଂକ୍ରମଣରୁ ରକ୍ଷା ପାଇବାପାଇଁ ଲୋକଙ୍କୁ ବାହାରକୁ ବାହାରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ବାରଣ କରାଯାଇଛି। ଜରୁରୀ କାମରେ ବାହାରକୁ ଗଲାବେଳେ ମସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତା ବଜାୟ ରଖିବା ଏବଂ ନିୟମିତ ବ୍ୟବଧାନରେ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି।

# ଲକଡାଉନ ପାଇଁ ଜିଲ୍ଲାବାସୀ ଆତଙ୍କିତ ନ ହେବାକୁ ଜି ନିବେଦନ କେଲେ ଜିଲ୍ଲାପାଳ: ଅଚଳ ହେବନି ଜୀବନଜିବିକା ଦିନ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ

କେନ୍ଦୁଝର: ୫ ତାରିଖ ବୁଧବାରଠାରୁ ସାରା ରାଜ୍ୟରେ ଲାଗୁ ହେଉଥିବା ଲକଡାଉନ ପରିପ୍ରେକ୍ଷୀରେ ସାଧାରଣ ଲୋକମାନେ ଆତଙ୍କିତ ନ ହେବାକୁ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ନିବେଦନ କରିଛନ୍ତି। ବଡ ଧରଣର ଲୋକଗହଳିକୁ ରୋକିବା ସହ କରୋନା ସଂକ୍ରମଣକୁ କମାଇବା ପାଇଁ ଏହି ଲକଡାଉନ କରାଯାଉଥିବାବେଳେ ବାହାଘର ଓ ଶେଷକୃତ୍ୟ କାର୍ଯ୍ୟ ଆଦି ସଂପନ୍ନ କରିବା ପାଇଁ ସ୍ଥାନୀୟ ତହସିଲଦାର ଏବଂ ପୌରନିର୍ବାହୀ ଅଧିକାରୀଙ୍କଠାରୁ ଅନୁମତି ପତ୍ର ନେଇ ଏହା କରାଯାଇପାରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ସମୟରେ ମନ୍ଦିର କିମ୍ବା କୌଣସି ଧର୍ମାନୁଷ୍ଠାନକୁ କୌଣସି ବ୍ୟକ୍ତି ଯାଇପାରିବେ ନାହିଁ ଏବଂ ସୀମିତ ସେବାୟତଙ୍କୁ ନେଇ ଦୈନିକ ପୂଜାକାର୍ଯ୍ୟ ହେବ ବୋଲି କହିଛନ୍ତି। ଜୀବନ ଜୀବିକାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହିତ ଚାଷକାମ କିମ୍ବା ଶିଳ୍ପାନୁଷ୍ଠାନ କାର୍ଯ୍ୟକୁ ବନ୍ଦ କରାଯିବ ନାହିଁ ଏବଂ କୋଭିଡ ଗାଇଡଲାଇନ ପାଳନ କରାଯାଇ ଏ ସବୁ କରାଯିବ। ସେହିପରି ସକାଳ ୬ ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ଦୋକାନ ଯେପରିକି ଗ୍ରୋସରୀ ଓ ପରିବା ଦୋକାନ ଖୋଲାରହିବ ଏବଂ ସେମାନଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ ବୋଲି କେନ୍ଦୁଝର ଏସପିଙ୍କ ସହ ସେ ଆଲୋଚନା କରିଛନ୍ତି ବୋଲି ଜିଲ୍ଲପାଳ କହିଥିଲେ। ସବୁ ସମୟରେ ମେଡିକାଲ ଦୋକାନ ଖୋଲା ରହିବ ଓ ଟୀକାଗ୍ରହଣ ପାଇଁ ଲୋକମାନେ ଯାଇପାରିବେ ବୋଲି ପ୍ରକାଶ କରିଥିବାବେଳେ ଉଭୟ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ ଚାଲୁ ରହିବ ବୋଲି ଜଣାଇଛନ୍ତି। ଲକଡାଉନ ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ମଙ୍ଗଳବାର ଅପରାହ୍ନରେ ଦରବାର ହଲଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂଚନା ଦେଇଥିଲେ ସମସ୍ତ ବ୍ୟବସାୟିକ ଯାନ ଏହି ସମୟରେ ଚଳାଚଳ କରିବ ଓ ହୋଟେଲ ବା ଢାବାରେ ନ ବସି ସାଙ୍ଗରେ ଖାଇବା ପାର୍ଶଲ ନେଇ ପାରିବେ। ପୂର୍ବପରି ସପ୍ତାହାନ୍ତ ସଟଡାଉନ ରହିବ ଓ କୋଭିଡ ଚେନ୍ କୁ ରୋକିବା ପାଇଁ ମାଇକ୍ରୋ କଂଟେନମେଂଟ ଜୋନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ। କୌଣସି ବ୍ୟବସାୟୀ ଅସାଧୁ ଭାବେ ମାଲ ମହଜୁଦ କରିପାରିବେ ନାହିଁ ଏବଂ ଏଥିପାଇଁ ସ୍କ୍ୟାଡ ଚଢାଉ କରିବେ ବୋଲି ଜଣାପଡିଛି। ହୋମ ଡେଲିଭରୀ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଲୋକମାନେ ଆତଙ୍କିତ ନ ହୋଇ ସତର୍କ ହେବାକୁ ଜିଲ୍ଲପାଳ ପରାମର୍ଶ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜିବ ବାରିକ ଉପସ୍ଥିତ ଥିଲେ।

# ଭଦ୍ରକ ଡାକ୍ତରଖାନା କର୍ତୃପକ୍ଷଙ୍କ ଅବହେଳାରୁ ଜଣେ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଭଦ୍ରକ: କରୋନା ସଂକ୍ରମିତ ଜଣେ ମହିଳାଙ୍କୁ ବଂଚାଇବା କ୍ଷେତ୍ରରେ ଅକ୍ସିଜେନ୍ର ଅଭାବ ନଥିଲା। ଡାକ୍ତର ଓ ନର୍ସ ସମସ୍ତେ ଥିଲେ। କିନ୍ତୁ ମହିଳା ଜଣଙ୍କୁ କରୋନା ସଂକ୍ରମିତ ଥିବାର ଜାଣି କେହି ପାଖକୁ ନଆସିବାରୁ ସମସ୍ତଙ୍କ ଆଖି ଆଗରେ ରୋଗିଣୀଟି ଅକ୍ସିଜେନ୍ ନପାଇ ଛଟପଟ ହୋଇ ମରିଗଲା। କିନ୍ତୁ କେହି ତାକୁ ବଂଚାଇବା କ୍ଷେତ୍ରରେ ସାମାନ୍ୟତମ ସହଯୋଗ ତ ଦୂରର କଥା ପାଖ ନ ମାଡିବାରୁ ବଡ କରୁଣ ଅବସ୍ଥାରେ ତାର ମୃତ୍ୟୁ ହୋଇଗଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାପ୍ତ ଖବରରୁ ଯାହା ଜଣାଯାଏ ପଡୋଶୀ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଂଚଳର ମଇତାପୁର ଗ୍ରାମ ନିବାସୀ ଗୋମତି ସିଂ ନାମକ ଜଣେ ମହିଳାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକେ ତାକୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଆସିଥିଲେ। ପ୍ରଥମେ ମହିଳା ଜଣଙ୍କୁ ଆଉଟ୍ଡୋର୍ରୁ ଜେନେରାଲ ଫିମେଲ୍ ୱାର୍ଡକୁ ଅଣାଗଲା। ସେଠାରେ କୋଭିଡ୍ ଟେଷ୍ଟ ପରେ ପଜିଟିଭ୍ ଥିବାରୁ ଡାକ୍ତର କହିଲେ ଏଠାରେ ତୁମର ଚିକିତ୍ସା ହୋଇପାରିବ ନାହିଁ। ତୁମେ କୋଭିଡ୍ ୱାର୍ଡକୁ ଯାଅ। ମାତ୍ର ଘରଲୋକେ ମହିଳା ଜଣକ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ଡାକ୍ତରଙ୍କୁ ଯେତେ ବିକଳ ହୋଇ ଅକ୍ସିଜେନ୍ଟିଏ ଦେବାକୁ କହିଥିଲେ ମଧ୍ୟ ୱାର୍ଡରେ ଡ୍ୟୁଟିରେ ଥିବା ଡାକ୍ତର ବେଣୁଧର ନାୟକ ଏ ରୋଗୀ ପାଇଁ ଅକ୍ସିଜେନ୍ ଉଦ୍ଦିଷ୍ଟ ନଥିବାର କହି ଶୀଘ୍ର ମେଡିକାଲ ଛାଡି ଯିବାକୁ କହିଥିଲେ। କରୋନା ପଜିଟିଭ୍ ଜାଣି କୌଣସି ଡାକ୍ତର କି ନର୍ସ ତା ପାଖକୁ ନଆସି କେବଳ କୋଭିଡ୍ ୱାର୍ଡକୁ ନେଇଯାଅ କହି ପରେ କଟକ ରେଫର କରିବା ସହ ଆମ୍ବୁଲାନ୍ସରେ ଅକ୍ସିଜେନ୍ ଅଛି, ରାସ୍ତାରେ ତାହା ଲଗାଇବ ବୋଲି କହିବାକୁ ଭୁଲିନଥିଲେ। ଫଳରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ କେବଳ ମେଡିକାଲର ଏ ୱାର୍ଡ ସେ ୱାର୍ଡ ହୋଇ ଶେଷରେ ଛଟପଟ ଅବସ୍ଥାରେ ପିଣ୍ଡାରେ ପଡି ଅକ୍ସିଜେନ୍ ଅଭାବରୁ ମୃତ୍ୟୁବରଣ କରିଥିଲା ଗୋମତି। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ବ୍ୟକ୍ତିର ଯଦି କରୋନା ପଜିଟିଭ୍ ଚିହ୍ନଟ ହୁଏ, ତେବେ ଡାକ୍ତର ଓ ନର୍ସଙ୍କ ଉପସ୍ଥିତିରେ ଅକ୍ସିଜେନ୍ ଅଭାବରୁ ମୃତ୍ୟୁବରଣ କରିବା କେତେଦୂର ଯଥାର୍ଥ! ଏଣୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଯେତେବେଳେ କରୋନା ରୋଗୀଙ୍କ ପାଇଁ କୌଣସି ଡାକ୍ତରଖାନାରେ ଅକ୍ସିଜେନ୍ର ଅଭାବ ନଥିବାର କଥା କହୁଛନ୍ତି, ସେତେବେଳେ ଭଦ୍ରକ ଭଳି ଏକ ସମ୍ବେଦନଶୀଳ ଜିଲାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିବା ମୂଳରେ ଯେଉଁ ଡାକ୍ତର ଓ ନର୍ସମାନେ ଦାୟୀ, ସେମାନେ କ'ଣ ଦଣ୍ଡ ପାଇବା ଉଚିତ୍ ନୁହଁକି। ଏ ପ୍ରଶ୍ନ କରିଛନ୍ତି ଭଦ୍ରକ ଜିଲାର ବହୁ ବୁଦ୍ଧିଜୀବୀ। ଏଣୁ ଖୋଦ୍ ଜିଲାପାଳ ଜ୍ଞାନ ଦାସ ଓ ଏସ୍ପି ଚରଣ ସିଂ ମୀନାଙ୍କ ଡାକ୍ତରଖାନା ବୁଲି ସମୀକ୍ଷା କାଳରେ କରୋନା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସବୁକିଛି ଠିକ୍ ଠାକ୍ ଥିବା ବିଷୟ ଗଣମାଧ୍ୟମକୁ କହିଛନ୍ତି। ସେତେବେଳେ ଏଭଳି ଘଟଣା ଘଟିବା କେତେଦୂର ସମିଚୀନ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK ପର୍ୟବେକ୍ଷକ








Bhubaneswar Friday May 7, 2021 ଭୁବନେଶ୍ୱର ଶୁକ୍ରବାର, ମେ ୭,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କୋବିଡ ପରିଚାଳନା ପାଇଁ ୩ ଜିଲ୍ଲାକୁ ୭.୬୨ କୋଟି ଟଙ୍କା ପ୍ରଦାନକୁ ମୁଖ୍ୟମନ୍ତ୍ରୀଙ୍କ ମଂଜୁରୀ

ଭୁବନେଶ୍ୱର: କୋବିଡ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପୁରୀ ପାଇଁ ୨ କୋଟି, ସୁବର୍ଣ୍ଣପୁର ପାଇଁ ୧ କୋଟି ତଥା ସମ୍ବଲପୁର ପାଇଁ ୪.୬୨ କୋଟି ଟଙ୍କା ପ୍ରଦାନକୁ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ପୁରୀ ଜିଲ୍ଲାକୁ ଏହା ପୂର୍ବରୁ ୧୪,୫୯,୭୪,୪୦୮ ଟଙ୍କା ପ୍ରଦାନ କରା ଯାଇଥିବା ବେଳେ ଆଜିର ଅତିରିକ୍ତ ରାଶି ପରେ ପୁରୀ ଜିଲ୍ଲାକୁ କୋବିଡ ପରିଚାଳନା ପାଇଁ ମୋଟ ୧୬,୫୯,୭୪,୪୦୮ ମିଳିଛି । ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସୁବର୍ଣ୍ଣପୁର ଜିଲ୍ଲା ପାଇଁ ୧ କୋଟି ଟଙ୍କା ମଂଜୁର କରିଛନ୍ତି । ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲାକୁ ୨,୫୦,୦୦,୦୦୦ ପ୍ରଦାନ କରା ଯାଇଥିଲା। ଏହା ପରେ ଜିଲ୍ଲାକୁ ମୋଟ ୩,୫୦,୦୦,୦୦୦ ମିଳିଛି । ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସମ୍ବଲପୁର ଜିଲ୍ଲା ପାଇଁ ୪,୬୨,୮୦,୬୯୨ କୋଟି ଟଙ୍କା ମଂଜୁର କରିଛନ୍ତି । ପୂର୍ବରୁ ସମ୍ବଲପୁର ଜିଲ୍ଲାକୁ ୧୧,୫୦,୦୦,୦୦୦ପ୍ରଦାନ କରା ଯାଇଥିଲା। ଏହା ପରେ ଜିଲ୍ଲାକୁ ମୋଟ ୧୬,୧୨,୮୦,୬୯୨ ମିଳିଛି ।

# ସାହିତ୍ୟିକ ପ୍ରଫୁଲ୍ଲ ନାୟକଙ୍କ ପରଲୋକ

ଭୁବନେଶ୍ୱର: ଜଣାଶୁଣା ସାହିତ୍ୟିକ ପ୍ରଫୁଲ୍ଲ ନାୟକଙ୍କର ଆଜି ସକାଳେ ପରଲୋକ ଘଟିଛି । ସେ କିଛିଦିନ ତଳେ କୋଭିଡ୍ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍ ରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ସାହିତ୍ୟିକ ପ୍ରଫୁଲ୍ଲ ନାୟକ ୧୯୩୪ ମସିହା ଜାନୁଆରୀ ୨୦ ତାରିଖରେ ପୁରୀ ଜିଲ୍ଲା ଡେଲାଙ୍ଗ ଅନ୍ତର୍ଗତ ବେରବୋଇ ଗ୍ରାମରେ ଏକ ଅଭିଜାତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଉଚ୍ଚଶିକ୍ଷା ପ୍ରାପ୍ତି ପରେ ସେ ଭାରତ ସରକାରଙ୍କ ସ୍ୱଳ୍ପ ସଂଚୟ ସଂଗଠନ ବିଭାଗରେ ଜଣେ ପଦାଧିକାରୀ ଭାବେ ଯୋଗଦେଇ ସେହି ବିଭାଗର ଆଂଚଳିକ ନିର୍ଦ୍ଦେଶକ ହିସାବରେ ଅବସର ଗ୍ରହଣ କରିଥିଲେ । ୧୯୬୧ ମସିହାରୁ ସାହିତ୍ୟିକ ଜୀବନ ଆରମ୍ଭ କରିଥିବା ପ୍ରଫୁଲ୍ଲ ନାୟକଙ୍କ ପ୍ରଥମ ଉପନ୍ୟାସ ଥିଲା 'ମଧୁଚନ୍ଦ୍ରିକା' । ପ୍ରାୟ ୫୫ ବର୍ଷ ଧରି ସାହିତ୍ୟ ସାଧନାରେ ମଗ୍ନ ରହିଥିବା ପ୍ରଫୁଲ୍ଲ ନାୟକ ୭୦ ଓ ୮୦ ଦଶକରେ ହାତଗଣତି ଔପନ୍ୟାସିକମାନଙ୍କ ମଧ୍ୟରେ ବେଶ ଚର୍ଚ୍ଚିତ ଥିଲେ । ତତ୍କାଳୀନ 'ଜନସାହିତ୍ୟ' ଉପନ୍ୟାସ ପତ୍ରିକାର ସେ ଥିଲେ ନିୟମିତ ଲେଖକ । ସେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଉପନ୍ୟାସ ଓ ୨୦୦ରୁ ଅଧିକ ଗଳ୍ପ ରଚନା କରିଛନ୍ତି । ତାଙ୍କ ରଚିତ ଉଲ୍ଲେଖଯୋଗ୍ୟ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି 'ଦୁଇ ପକ୍ଷୀ ଦୁଇ ଦିଗ', 'ଦୂର ବଳୟ', 'ତୃଷ୍ଣା', 'ମନ ବନସ୍ତ ଜଳେ', 'କେବଳ କାହାଣୀ ନୁହେଁ', 'ପୂର୍ବାଶା', 'ସୂର୍ଯ୍ୟ ସନ୍ଧାନ', 'ସଂଘର୍ଷ', 'ଯଉବନ ଉପବନ', 'ସାତସମୁଦ୍ର ତେର ନଈ', 'କାଚ ଜହ୍ନ', 'ହେମ ହରିଣୀ', 'ଭୋକିଲା ଭୂଇଁ, ଶୋଷିଲା ନଈ', 'ସବୁ ଫୁଲ ଅନ୍ଧାରେ ଫୁଟିଛି', 'ଯାହା କହିପାରିନି', 'କିଏ ଆପଣାର', 'ମାୟା ମୟୂରୀ', 'ଫର୍ଚ୍ଚା ଆକାଶ', 'ଏକ ନଈ କେତେ ଧାର', 'ମୃଗନାଭି' ଓ 'ଦର୍ପଣରେ ଅନ୍ୟ ମୁହଁ' ଇତ୍ୟାଦି। ୨୦୧୭ରେ ତାଙ୍କର ଶେଷ ଉପନ୍ୟାସ 'ପୁଷ୍ପିତ ଉପତ୍ୟକା' 'କାହାଣୀ' ପ୍ରକାଶନୀ ଦ୍ୱାରା ମୁଦ୍ରିତ ହୋଇଥିଲା। ସେହିପରି ତାଙ୍କ ଗଳ୍ପଗୁଡ଼ିକର ସଂକଳନ 'ପ୍ରଫୁଲ୍ଲ ନାୟକଙ୍କ ଶ୍ରେଷ୍ଠ ଗଳ୍ପ'(ଦୁଇ ଖଣ୍ଡ) ଓ 'କଥା ବିଚିତ୍ରା' ପାଠକ ମହଲରେ ବେଶ ଆଦୃତ। ତେଲଲୁଣର ସାଂସାରିକତା ଓ ଚଳମାନ ସ୍ରୋତର ସାମାଜିକତା ମଧ୍ୟରେ ଦୁଃଖସୁଖର ଜୀବନାନୁଭୂତି ତାଙ୍କ ରଚନାରେ ପରିସ୍ଫୁଟ ହୋଇଛି । ଗ୍ରାମୀଣ ଜୀବନର ଅନେକ ଅବହେଳିତ ଚରିତ୍ର ତାଙ୍କ ରଚନାଗୁଡ଼ିକରେ ରୂପାୟିତ ହୋଇଛନ୍ତି।

ଅବସର ପ୍ରାପ୍ତି ପରେ ସ୍ୱର୍ଗତ ନାୟକ ନିଜ ଗ୍ରାମ ବେରବୋଇରେ ରହୁଥିଲେ ଓ ସମସ୍ତ ସାମାଜିକସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶୀଦାର ହେଉଥିଲେ । ବେରବୋଇସ୍ଥିତ 'ଗାନ୍ଧୀ ସ୍ମୃତି ସ୍ମାରକୀ ସମିତି'ର ସେ ଥିଲେ ଅନ୍ୟତମ ପ୍ରତିଷ୍ଠାତା ଓ ଉପଦେଷ୍ଟା । ସେ ସବୁବେଳେ ପ୍ରଚାରବିମୁଖ ରହି ଆସିଥିଲେ । ୨୦୧୭ ମସିହା ପରଠାରୁ ସେ ଜଣେ ସାହିତ୍ୟିକ ବୋଲି ପାସୋରି ଯାଇଛନ୍ତି ବୋଲି କହି ଆସୁଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତରୁଣ ପିଢ଼ିର ସାହିତ୍ୟିକମାନଙ୍କ ପ୍ରତି ତାଙ୍କର ସ୍ନେହ ଛଳଛଳ ବ୍ୟବହାର ସର୍ବଦା ସ୍ମରଣୀୟ । ସ୍ୱର୍ଗତ ନାୟକଙ୍କର ଜ୍ୟେଷ୍ଠ ପୁତ୍ର ପ୍ରକାଶ ଅଳ୍ପ କିଛିଦିନ ପୂର୍ବେ କୋଭିଡ୍ ରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ତାଙ୍କର ଅନ୍ୟ ଦୁଇପୁତ୍ର ଓ କନ୍ୟା ଅଛନ୍ତି । କିଛି ଦିନ ପୂର୍ବେ ତାଙ୍କର ପତ୍ନୀ ବିୟୋଗ ଘଟିଥିଲା ।

ତାଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ବେରବୋଇସ୍ଥିତ ଗାନ୍ଧୀ ସ୍ମୃତି ସ୍ମାରକୀ ସମିତି ପକ୍ଷରୁ ସଭାପତି ବି.ଏନ୍ ମହାନ୍ତି, ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା, କବି ଗିରିଜା ବଳିୟାରସିଂହ, କବି ତପନ ପଟ୍ଟନାୟକ ଓ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସଭାପତି ସୂର୍ଯ୍ୟ ମିଶ୍ର ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକଟ କରିଛନ୍ତି ।

# ଲାଇଫ୍ ସାର୍ଟିଫିକେଟ୍ ଦାଖଲ ଅବଧି ୩ମାସ ବଢିଲା

ଭୁବନେଶ୍ୱର: କରୋନା ମହାମାରୀର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବାର୍ଷିକ ଲାଇଫ୍ ସାର୍ଟିଫିକେଟ୍ ଦାଖଲ ଅବଧିକୁ ଆଉ ୩ମାସ ବୃଦ୍ଧି କରିଛନ୍ତି। ଏହାସହିତ ବ୍ୟକ୍ତିଗତ ଉପସ୍ଥିତ ନହୋଇ ମଧ୍ୟ ପ୍ରଥମ ପେନସନ୍ ଓ ପରିବାର ପେନସନ୍ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ପେନସନ୍ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟରେ ଅପ୍ରତ୍ୟାଶିତ ଭାବେ କୋଭିଡ-୧୯ ମାମଲା ବୃଦ୍ଧି ପାଉଥିବା ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବରିଷ୍ଠ ନାଗରିକମାନେ କୋଭିଡ୍ ସଂକ୍ରମିତ ହେବାର ଅଧିକ ଆଶଙ୍କା ରହୁଛି। ତେଣୁ ରାଜ୍ୟ ସରକାର ବାର୍ଷିକ ଲାଇଫ ସାର୍ଟିଫିକେଟ, ପୁନଃବିବାହ ସାର୍ଟିଫିକେଟ ଓ ନନ୍ ଏମ୍ପ୍ଲଏମେଂଟ ସାର୍ଟିଫିକେଟ ଦାଖଲ ଅବଧିକୁ ଆଉ ୩ମାସ ପାଇଁ ଅର୍ଥାତ୍ ୨୦୨୧ ଜୁନରୁ ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ଯେଉଁ ପେନସନଧାରୀ ଓ ପାରିବାରିକ ପେନସନଧାରୀମାନେ ନିଜର ବାର୍ଷିକ ଲାଇଫ ସାର୍ଟିଫିକେଟକୁ ସେମାନେ ପେନସନ ନେଉଥିବା ବ୍ୟାଙ୍କ ଅବା ଟ୍ରେଜେରୀ ପାଖରେ ଦାଖଲ କରିନାହାନ୍ତି ସେମାନେ ବିଶେଷ ଉପକୃତ ହେବେ।

## ଭି.ଏସ୍.ଏସ୍ ନଗରରେ କରୋନା ଟୀକା

ଭୁବନେଶ୍ୱର : ବୀର ସୁରେନ୍ଦ୍ର ସାଏ ନଗରରେ ଆଜି ଠାରୁ କରୋନା ଟୀକା ଦେବା ଆରମ୍ଭ ହୋଇଛି। ଏଠାରେ ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ ୧୮ ବର୍ଷରୁ ୪୪ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ଟୀକା ଦିଆଯାଉଥିବା ବେଳେ ଅପରାହ୍ନ ୩ରୁ ୫ ଟା ପର୍ଯ୍ୟନ୍ତ ୪୫ ବର୍ଷରୁ ଅଧିକ ବ୍ୟକ୍ତି ମାନଙ୍କୁ ଟୀକା ଦିଆଯାଉଛି। ଭି.ଏସ୍.ଏସ୍. ନଗରରେ ଟୀକାଦାନ କେନ୍ଦ୍ର ଚାଲିଥିବାରୁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ପରିଷଦ ଧନ୍ୟବାଦ ଜଣାଇଛି। ଏଠାରେ ଟୀକାଦାନ କେନ୍ଦ୍ର ଖୋଲିଥିଲେ ମଧ୍ୟ ସାତୋଟି ୱାର୍ଡ଼ ପାଇଁ ଏହି କେନ୍ଦ୍ରରେ ବ୍ୟବସ୍ଥା ହୋଇଥିବା ଯୋଗୁଁ ୧୮ ବର୍ଷରୁ ୪୪ ବର୍ଷ ବୟସ୍କ ବ୍ୟକ୍ତି ମାନେବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । କାରଣ ଏହି କେନ୍ଦ୍ରରେ ଟୀକା ନେବା ପାଇଁ ଗୋଟିଏ ୱାର୍ଡ଼କୁ ମାତ୍ର ୧୦ଟି ଟୋକନ ଦିଆଯାଇଛି। ଏହାର ମାନେ ପ୍ରତି ୱାର୍ଡ଼ରୁ ଦିନକୁ ମାତ୍ର ୧୦ ଜଣ ଟୀକା ନେଇ ପାରିବେ। ଏହାର ସମାଧାନ କରାଯିବା ପାଇଁ ଉନ୍ନୟନ ପରିଷଦ ନିବେଦନ କରିଛି।

# ଅଦ୍ୱୈତ ବାବୁଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା: ବର୍ଷିୟାନ ନେତା, ବିଶିଷ୍ଟ ସାମ୍ବାଦିକ ତଥା ଲେଖକ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ବିଶ୍ୱାଳଙ୍କ ଅକାଳ ବିୟୋଗରେ ଜିଲ୍ଲା କଂଗ୍ରେସ ତରଫରୁ



ଗଭୀର ଶୋକବ୍ୟକ୍ତ କରାଯାଇଛି । ଏକ ଶୋକ ବା□ାରେ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀ କହିଛନ୍ତି ଯେ, ଏକଦା କଂଗ୍ରେସର ଦଳରେ ରହି ନିଜର ରାଜନୈତିକ ଜୀବନ ଆରମ୍ଭ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିବା ସ୍ୱର୍ଗତ ବିଶ୍ୱାଳ ପରବ□ୀ ସମୟରେ ଜଣେ ଜନନେତା ଭାବେ ସହରର ବିଭିନ୍ନ ସମସ୍ୟା ଓ ବିକାଶକୁ ନେଇ ସର୍ବଦା ସ୍ୱର ଉ□ୋଳନ କରୁଥିଲେ । ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତିର ସଭାପତି ଭାବେ ତାଙ୍କର ଦୀର୍ଘ ବର୍ଷର ସଂଘର୍ଷ ତାର ଏକ ଦୃଷ୍ଟାନ୍ତ ବୋଲି କହିଛନ୍ତି । ଜଣେ ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର ତଥା ଲେଖକ ଭାବେ ଶିଳ୍ପ ସହର ରାଉରକେଲା ଠାରୁ ନେଇ ସମଗ୍ର ରାଜ୍ୟରେ ଖ୍ୟାତି ଅର୍ଜନ କରିଥିବା ସ୍ୱର୍ଗତ ବିଶ୍ୱାଳଙ୍କର ଏହି ବିୟୋଗ ସୁନ୍ଦରଗଡ ଜିଲ୍ଲା ସମେତ ସମଗ୍ର ରାଜ୍ୟ ପାଇଁ ଏକ କ୍ଷତି ବୋଲି ଶ୍ରୀ ତିର୍କୀ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ଅନୁରୂପ ଭାବେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ପ୍ରଭାତୀ ମିଶ୍ର, ମହିଳା ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂହ, ଇନ୍‌ଟକ ଅଧକ୍ଷ ନିହାର ଦାସ, ଓବିସି ଅଧକ୍ଷ କୈଳାସ ସାହୁ, ବରିଷ୍ଠ ନେତା କୀ□ନ ଦାସ, ଇଂ.ଆର୍.ପି. ସିଂହ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ରାଉରକେଲା ଇସ୍ପାତ ସହରର ଜଣେ ଆଗଧାଡିର ମୁରବୀ ଭାବେ ପ୍ରତ୍ୟେକ ପ୍ରସଙ୍ଗରେ ସମ୍ମୁଖକୁ ଆସି ସ୍ୱର ଉ□ୋଳନ କରୁଥିବା ଓ ନେତୃତ୍ୱ ନେଉଥିବା ବ୍ୟକ୍ତିତ୍ୱଙ୍କୁ ସହରବାସୀ ସବୁଦିନ ପାଇଁ ହରାଇଲେ ବୋଲି କହିଛନ୍ତି । ରାଉରକେଲାର ସାମାଜିକ, ସାଂସ୍କୃତିକ, ବୌଦ୍ଧିକ ତଥା ରାଜନୀତିରେ ସ୍ୱର୍ଗତ ବିଶ୍ୱାଳଙ୍କ ବିୟୋଗ ଏକ ଶୂନ୍ୟସ୍ଥାନ ସୃଷ୍ଟି କଲା ବୋଲି ନେତୃବୃନ୍ଦ ପ୍ରକାଶ କରି ଏ ଦୁଃସମୟରେ ଈଶ୍ୱର ତାଙ୍କ ପରିବାରବର୍ଗଙ୍କୁ ସହାୟ ହେବାକୁ ପ୍ରାର୍ଥନା କରିଛନ୍ତି । ସର୍ବଦା ଜନକଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସ୍ୱର୍ଗତ ବିଶ୍ୱାଳଙ୍କ ଅମର ଆତ୍ମା ନିଶ୍ଚିତ ସଦ୍‌ଗତି ପ୍ରାପ୍ତ କରିବ ବୋଲି ଏହି ଅବସରରେ ନେତୃବୃନ୍ଦ ଦୃଢ ଆଶା ପୋଷଣ କରିଛନ୍ତି ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ଦ୍ୱିତୀୟ ଡୋଜ୍ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବ : ପ୍ରଦୀପ୍ତ ମହାପାତ୍ର

ଭୁବନେଶ୍ୱର: ଯେଉଁମାନେ ୨ୟ ଡୋଜ୍ ଅପେକ୍ଷାରେ ଅଛନ୍ତି, ସେମାନଙ୍କୁ ପ୍ରଥମେ ଦିଆଯିବ। ସେମାନଙ୍କ ଛଡ଼ା କୌଣସି ନୂଆ ଲୋକଙ୍କୁ ପ୍ରଥମ ଡୋଜ୍ ଏବେ ଦିଆଯିବନି ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ରାଜ୍ୟରେ ୯୭% ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମ ଓ ୮୭%କୁ ୨ୟ ଡୋଜ୍ ଦିଆଗଲାଣି। ସମ୍ମୁଖ ଯୋଦ୍ଧାଙ୍କ ମଧ୍ୟରେ ପ୍ରଥମ ଡୋଜ୍ ୯୭%, ୨ୟ ଡୋଜ୍ ୮୫% ନେଇସାରିଲେଣି। ରାଜ୍ୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ମୋଟ ୧ କୋଟି ୧୬ ଲକ୍ଷ ଲୋକ ଅଛନ୍ତି। ୧ କୋଟି ୧୬ ଲକ୍ଷ ଲୋକଙ୍କ ମଧ୍ୟରୁ ୪୩.୫୫ ଲକ୍ଷ ପ୍ରଥମ ଡୋଜ୍ ନେଲେଣି। ସେମାନଙ୍କ ମଧ୍ୟରୁ ୨୩ ଲକ୍ଷ ୪୩ ହଜାର ଲୋକଙ୍କ ୨ୟ ଡୋଜ୍ ଟାଇମ ହୋଇଗଲାଣି।୨ୟ ଡୋଜ୍ ଆମେ ଏଯାଏ ୫ ଲକ୍ଷ ୯୬ ହଜାର ଲୋକଙ୍କୁ ଦେଲୁଣି। ଏଯାଏ ପାଖାପାଖି ୧୭ ଲକ୍ଷ ଲୋକଙ୍କ ୨ୟ ଡୋଜ୍ ଡିଉ ହେଉଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ କୋଭାକ୍ସିନ ଟିକା କେବଳ ଭୁବନେଶ୍ୱର ମହାନଗର ଅଂଚଳରେ ଦିଆଯାଉଛି। କୋଭାକ୍ସିନ ଟିକା ୨ୟ ଡୋଜ୍ ଦେବାରେ ଏଯାଏ କିଛି ସମସ୍ୟା ନାହିଁ। ଘରୋଇ ହସ୍ପିଟାଲରେ ୧ମ ଡୋଜ୍ ନେଇଥିଲେ, ସରକାରୀ ହସ୍ପିଟାଲରୁ ୨ୟ ଡୋଜ୍ ନେଇପାରିବେ। ସରକାରୀ ହସ୍ପିଟାଲରୁ ମାଗଣାରେ ୨ୟ ଡୋଜ୍ ଟିକା ନେଇପାରିବେ। ଏପ୍ରିଲ ୩୦ ସୁଦ୍ଧା ଘରୋଇ ହସ୍ପିଟାଲରେ ୧ମ ଡୋଜ୍ ନେଇଥିଲେ, ୨ୟ ଡୋଜ୍ ମାଗଣାରେ ନେଇପାରିବେ।ବିଏମସି ବ୍ୟତୀତ ୩୦ ଜିଲ୍ଲାରେ କୋଭିସିଲଡ ଟିକା ଦିଆଯାଉଥିବାରୁ ସମସ୍ୟା ଉପୁଜିଛି। ଆମେ ତୁରନ୍ତ ୧୫ ଲକ୍ଷ ଡୋଜ୍ ଟିକା ଦେବାକୁ କେନ୍ଦ୍ରକୁ ନିବେଦନ କରିଛୁ। ଟିକା ଉତ୍ପାଦନ, ନିୟନ୍ତ୍ରଣ କେନ୍ଦ୍ର ହାତରେ। ସିଏ ଯାହା ଦେବେ ଆମେ ଦେବୁ। ୧୮ରୁ ୪୪ ବର୍ଗର ଲୋକଙ୍କୁ ଏବେ କେବଳ ରେଜିଷ୍ଟ୍ରେସନ କରିବାକୁ ପଡ଼ିବ। କୋଭାକ୍ସିନ ଆସିଛି ଦିଆଯାଉଛି। କୋଭିସିଲ୍ଡ ଆସିନି। ଟିକା ପାଇଁ ଅର୍ଡର ଦିଆଯାଇଛି । ଟିକା ପହଂଚିଲେ ସେମାନଙ୍କୁ ଦିଆଯିବ ବୋଲି ସେ କହିଛନ୍ତି।

# ଓଡ଼ିଶାରେ କୋଭିଡ୍-୧୯ ପରିଚାଳନା ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟ ଭିତିଭୂମି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ରାଜ୍ୟରେ ଟେଷ୍ଟିଂ , ଟିକାକରଣ, ଭେଂଟିଲେଟର ଓ ଅକ୍ସିଜେନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ

ନୂଆଦିଲ୍ଲୀ/ଭୁବନେଶ୍ୱର : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଓଡ଼ିଶାରେ ପରିଚାଳିତ କେନ୍ଦ୍ରୀୟ ରଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକର ମୁଖ୍ୟ, ରାଜ୍ୟ ସରକାରଙ୍କ ଅଧିକାରୀ, ସ୍ୱାସ୍ଥ୍ୟ ସଂଗଠନ, ବ୍ୟାଙ୍କିଂ ଏବଂ ରେଳ କ୍ଷେତ୍ରର ପ୍ରମୁଖ ଅଧିକାରୀଙ୍କ ସହ ଓଡ଼ିଶାରେ କୋଭିଡ୍ ପରିଚାଳନା ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟ ଭିତିଭୂମି ଉପରେ ସମୀକ୍ଷା କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ଏହି ଆଲୋଚନା ସମୟରେ ଶ୍ରୀ ପ୍ରଧାନ ସମସ୍ତଙ୍କୁ ରାଜ୍ୟରେ ଟେଷ୍ଟି, ଭେଂଟିଲେଟର, ଟିକାକରଣ ଓ ଅକ୍ସିଜେନ ବ୍ୟବସ୍ଥା ବଢାଇବା ସହ ସ୍ୱାସ୍ଥ୍ୟ ଭିତିଭୂମି ଉପରେ ଗୁରୁତ୍ୱ ଦେବାକୁ ପରମର୍ଶ ଦେଇଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ବିକଶିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଓଡ଼ିଶାରେ ପରିଚାଳିତ ପିଏସୟୁ, କେନ୍ଦ୍ର ସ୍ୱାସ୍ଥ୍ୟ ଅନୁଷ୍ଠାନ, ବ୍ୟାଙ୍କିଂ କ୍ଷେତ୍ର ତଥା କର୍ପୋରେଟ୍ ସେକ୍ଟର ଏହି

ମାହାମାରୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ତିଆରି କରିବା ଦରକାର। ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ଼ କରିବା, ଆଇସୋଲେସନ ବେଡର କ୍ଷମତା ବୃଦ୍ଧି କରିବା

ସହ ଆଇସିୟୁ ଏବଂ ଅକ୍ସିଜେନ ସଂଯୁକ୍ତ ବେଡକୁ ବୃଦ୍ଧି କରିବା ଦିଗରେ ସମସ୍ତେ ମିଳିତ ଭାବେ ପଦକ୍ଷେପ

ନେବା ସହ ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବା ଦରକାର। ସମସ୍ତ ଅଂଶୀଦାର ମାନେ ଟେଷ୍ଟିଂ, ଟିକାକରଣ ସୁବିଧା, ଭେଟିଂଲେଟର, ଅମ୍ଳଜାନ ଯୋଗାଣ, ଆଇସିୟୁ ସହ ବେଡ୍ ବ୍ୟବସ୍ଥା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମେଡ଼ିକାଲ ଉପକରଣର ଉପଲବ୍ଧିକୁ ବିକଶିତ କରି ବର୍ତମାନ କୋଭିଡ୍ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ଦରକାର।

ରାଜ୍ୟର ଦୁଇଟି ଅଗ୍ରଣୀ ଇନଷ୍ଟିଚ୍ୟୁଟ୍ ଆରଏମଆରସି ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫସାଇନ୍ସକୁ ଅଧିକରୁ ଅଧିକ ଟେଷ୍ଟିଂକୁ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଲି ଏବଂ ପିଏସୟୁ ଗୁଡ଼ିକୁ ମଧ ନିଜ ନିଜ ବ୍ୟବସ୍ଥାରେ ଟେଷ୍ଟିଂ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ତିଆରି କରିବା ପାଇଁ ଆହ୍ୱାନ କରିଛନ୍ତି ଶ୍ରୀ ପ୍ରଧାନ। ସେହିପରି ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଟିକାକରଣର ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ପିଏସୟୁ ଗୁଡ଼ିକୁ ଟିକା କିଣି ନିଜର କର୍ମଚାରୀଙ୍କୁ ଟିକା ଦେବା ସହ ସମାଜରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକାକରଣ କରାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

କୋଭିଡ୍-୧୯ମହାମାରୀକୁ ଦୃଢ଼ତାର ସହ ଲଢ଼ିବା ପାଇଁ ଟେଷ୍ଟିଂ ବଢ଼ାଇବା, ଜରୁରିକାଳୀନ ଔଷଧ ତଥା ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରି ରାଜ୍ୟ ସରକାରଙ୍କୁ ସହଯୋଗ କରିବା ତଥା ମିଳିତ ଭାବେ କାର୍ଯ୍ୟ କରିବା ଦିଗରେ ମଧ ଆଲୋଚନା କରିଛନ୍ତି ଶ୍ରୀ ପ୍ରଧାନ । କୋଭିଡ୍ -୧୯ର ସଂକ୍ରମଣ ଦୃଷ୍ଟିରେ ବର୍ତମାନ ସ୍ୱାସ୍ଥ୍ୟ ସୁବିଧାକୁ ଆହୁରି ବ୍ୟାପକ କରିବା ଏବଂ ସର୍ବାଧିକ କୋଭିଡ୍-୧୯ପ୍ରଭାବିତ ଅଂଚଳ ସମେତ ସବୁ ଜିଲ୍ଲାକୁ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ଭିତିଭୂମିକୁ ବିକଶିତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।

ଏହି ଆଲୋଚନାରେ ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ, ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶିକା, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା, ଆଇଏଲଏସର ନିର୍ଦ୍ଦେଶକ, ଆରଏମଆରସିର ନିର୍ଦ୍ଦେଶିକା, ଏନସିସିର ଓଡ଼ିଶା ଜୋନର ଇନଚାର୍ଜ, ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆ ଭୁବନେଶ୍ୱରର ନିର୍ଦ୍ଦେଶକ, ଇଷ୍ଟକୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜର, ଏସବିଆଇ ବ୍ୟାଙ୍କ୍ ଓଡିଶା ଶାଖାର ସିଜିଏମ, ଏମସିଏଲର ସିଏମଡ଼ି ପି.କେ ସିହ୍ନା, ଏନଟିପିସିର ଆରଇଡ଼ି ଇନଚାର୍ଜ, ପାରାଦୀପ ପୋର୍ଟର ଇନଚାର୍ଜ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray